ଧରିତ୍ରୀ
DHARITRI
January 28-February 3, 2024 ₹ 2/-

ଧରିତ୍ରୀ DHARITRI 50 Years

ଛୁଟିଦିନ



# ପରିଚୟ ଦେଇଛି ଖବରକାଗଜ

ଅନେକଙ୍କର ଖବରକାଗଜ ପଢ଼ାରୁ ହିଁ ଆରମ୍ଭ ହୁଏ ଦିନ । ଆଉ ଏମିତି ବି ଅନେକ ଅଛନ୍ତି ଯେଉଁମାନେ କେବଳ ଖବରକାଗଜ ପଢନ୍ତି ନାହିଁ, ତାକୁ ସାଇତି ରଖିବାରେ ବି ବେଶ୍ ରୁଚି ରଖନ୍ତି। ସେ ପୁଣି ନିଜ ପସନ୍ଦ ହିସାବରେ ସ୍ୱତନ୍ତ୍ର ବିଷୟକୁ ନେଇ। । ଯାହା ତାଙ୍କୁ ଦେଇଛି ଭିନ୍ନ ପରିଚୟ।

ଜାନୁଆରୀ ୨୯ ତାରିଖ ଭାରତୀୟ ଖବରକାଗଜ ଦିବସ ଅବସରରେ ଏଥରର ପ୍ରଚ୍ଛଦ...

ପ୍ରଚ୍ଛଦ ପ୍ରସଙ୍ଗ
୩



## କରଜ ମୁକ୍ତ ଜୀବନ ପାଇଁ...

**ଅ**ସୁବିଧାରେ ପଡିଲେ, ମଣିଷ କରଜ କରିବାକୁ ବାଧ୍ୟ ହୁଏ । କରଜକୁ ଠିକ୍ ସମୟରେ ସୁଝିଦେଲେ ମନକୁ ଶାନ୍ତି ମିଳେ ନଚେତ୍ ତାହା ବୋଝ ଭଳି ଲାଗିଥାଏ । କିନ୍ତୁ ବିଶ୍ୱାସ ରହିଛି ଏମିତି କିଛି କାର୍ଯ୍ୟ ଅଛି ଯାହାକୁ କଲେ କରଜରୁ ଶୀଘ୍ର ମୁକ୍ତି ପାଇବାର ବାଟ ଖୋଲିଯାଇଥାଏ...

✲ ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ପକ୍ଷୀମାନଙ୍କୁ ଖାଇବାକୁ ଦେଲେ ଜୀବନରେ ଏମିତି କିଛି ସୁଖ ମିଳେ,



ଯାହାକୁ କେବେ ବି କେହି କଳ୍ପନା କରି ନଥିବେ । ପ୍ରତିଦିନ ହେଉ ଅବା ମଙ୍ଗଳବାର ଓ ଶନିବାର ଦିନ ପକ୍ଷୀଙ୍କୁ ଖାଇବାକୁ ଦେବା ସର୍ବୋତ୍ତମ ହୋଇଥାଏ । ୨/୩ ଦିନ ଭିତରେ ଏହାର ସୁପ୍ରଭାବ ଜଣା ପଡିଯାଏ ।

✲ ପ୍ରତି ମଙ୍ଗଳବାର ମାଙ୍କଡ଼କୁ ମିଠା, କଦଳୀ ଅବା ବୁଟ ଖାଇବାକୁ ଦେଲେ ପ୍ରଭୁ ହନୁମାନ ପ୍ରସନ୍ନ ହୋଇଥାନ୍ତି । ଆଉ ତାଙ୍କରି ଆର୍ଶୀବାଦରୁ ଶୀଘ୍ର କରଜ ସୁଝିବାର ବାଟ ଖୋଲିଯାଏ ବୋଲି ବିଶ୍ୱାସ ରହିଛି ।

✲ କୁକୁରକୁ ମିଠା ବିସ୍କୁଟ୍ ଖାଇବାକୁ ଦେଲେ ବି କରଜରୁ ମୁକ୍ତି ପାଇବାର ବାଟ ଖୋଲିବା ସହ ଘରୁ ନକରାତ୍ମକ ଉର୍ଜା ଦୂର ହୋଇ ଶାନ୍ତି ବଜାୟ ରହିଥାଏ ବୋଲି ଜ୍ୟୋର୍ତିବିଦ୍‌ମାନେ ମତ ଦେଇଥାନ୍ତି ।

✲ ଗାଈଙ୍କୁ ଆମେ ଗୋମାତା ଭାବେ ପୂଜା କରିଥାଉ । ତେଣୁ ଘରେ ପ୍ରସ୍ତୁତ ହେଉଥିବା ଯେ କୌଣସି ସାକାହାରୀ ଖାଦ୍ୟକୁ ପ୍ରଥମେ ଗାଈଙ୍କୁ ଖାଇବାକୁ ଦେଲେ ବି ଘରେ ଶାନ୍ତି ବଜାୟ ରହିବା ସହ ଶୀଘ୍ର କରଜ ମୁକ୍ତ ହେବା ପାଇଁ ବି ଉପାୟ ମିଳିଥାଏ ବୋଲି ବିଶ୍ୱାସ ରହିଛି ।

✲ ମନରେ ଦୟା ଭାବ ଓ ମୁହଁରେ ସବୁବେଳେ ମିଠା କଥା କହୁଥିଲେ ବି କେବଳ ମାନସିକ ସ୍ତରରେ ଶାନ୍ତି ମିଳେନାହିଁ ଶରୀର ପାଇଁ ମଧ୍ୟ ଏହା ଉପକାରୀ ହୋଇଥାଏ । ତା'ସହିତ କରଜ ଥିଲେ ତାହାକୁ କିପରି ଶୀଘ୍ର ସୁଝିହେବ ସେଥିପାଇଁ ବି ଉପାୟ ମିଳିଥାଏ ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୨୮ - ଫେବୃଆରୀ ୩

**ମେଷ** — ମାନସିକସ୍ଥିତି ଭଲ ରହିବ, ପାରିବାରିକ ସ୍ଥିରତା, ସ୍ଥିର ସିଦ୍ଧାନ୍ତ ନେବେ, ମିତ୍ରତା ସୃଷ୍ଟି କରିପାରନ୍ତି, ଦୁଃସାହାସିକ କାମରେ ଅନୁପ୍ରବେଶ, ଯାତ୍ରାରେ ଅଭିଳଷିତ ଫଳ, ବ୍ୟବସାୟରୁ ଲାଭବାନ, କ୍ରୀଡା ଚଳଚ୍ଚିତ୍ରରେ ସମସ୍ୟା, ସାଂଗଠନିକ ଆଲୋଚନା ॥

**ବୃଷ** — ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ, ଦୁଶ୍ଚିନ୍ତା କାରଣରୁ ରକ୍ତଚାପ, କଠିନ ଶ୍ରମରୁ ଶାରୀରିକ ପୀଡା, ବନ୍ଧୁଙ୍କୁ ଆପଣେଇ ନେବେ, ଅର୍ଥାଳଙ୍କାର ପ୍ରାପ୍ତି, ତିର୍ଥାଟନର ସୁଯୋଗ ଲାଭ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ ॥

**ମିଥୁନ** — କାର୍ଯ୍ୟରେ ଅବହେଳା, ଉପରିସ୍ଥଙ୍କ କୈଫିୟତ ତଲବ, ଆର୍ଥିକ ଦୂରବସ୍ଥା, ବିଦେଶଯାତ୍ରାର ସୁଯୋଗ, ଅପ୍ରିୟସତ୍ୟ ଭାଷଣରୁ ଅଶାନ୍ତି, ଭୁଲ ବୁଝାମଣାରୁ ଦ୍ୱନ୍ଦ୍ୱ, କାମ ବିଶୃଙ୍ଖଳିତ ହେବ, ସହକର୍ମୀଙ୍କ ସହ ତିକ୍ତତା ॥

**କର୍କଟ** — ଶାରୀରିକ ସୁସ୍ଥତା, ସଭାସମିତିକୁ ନିମନ୍ତ୍ରଣ, ପଡୋଶୀଙ୍କ କୁସ୍ୱାରଟନା, ଭାବପ୍ରବଣତା ବଢିବ, ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ମିଥ୍ୟାଭିଯୋଗ ଆସିପାରେ, ବନ୍ଧୁ ଭୁଲ୍ ବୁଝିବେ, ନିଜ ପରିସରରେ ପ୍ରତିଷ୍ଠା ॥

**ସିଂହ** — କାର୍ଯ୍ୟସିଦ୍ଧିରୁ ଆନନ୍ଦ, ମିତ୍ରବନ୍ଧୁଙ୍କ ପ୍ରଶଂସା, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ନୂତନସମ୍ପର୍କ ସୃଷ୍ଟି, ବିବାହପ୍ରସ୍ତାବ ଆସିପାରେ, କୃତି ଓ କୃତିତ୍ୱରୁ ପ୍ରଶଂସା, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ମକଦ୍ଦମାରେ ସଫଳତା, ଯାନ୍ତ୍ରିକ ଜିନିଷ ମରାମତି ॥

**କନ୍ୟା** — କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ଅର୍ଥନୈତିକ ଅଭିବୃଦ୍ଧି, ବନ୍ଧୁମିଳନରେ ମିଷ୍ଟାନ୍ନ ଲାଭ, ପରିଭ୍ରମଣରେ ଯାଇପାରନ୍ତି, ବିବାଦୀୟରେ ପରାଜୟ, ମନସ୍ତାପ କରିବେ, ଅଶାନ୍ତି ଲାଗି ରହିବ, ଭ୍ରାତୃ ସମ୍ପର୍କ ବୃଦ୍ଧି, ଏଜେନ୍ସିପ୍ରରୁ ଖୁସି ରହିବେ, ବିଭିନ୍ନ ସୂତ୍ରରୁ ରୋଜଗାର କରିବେ, ପାରିବାରିକ ଶାନ୍ତି ॥

**ତୁଳା** — ମିତ୍ରତାବନ୍ଧନରେ ଆବଦ୍ଧ, ଚାକିରିରେ ସମ୍ମାନଲାଭ, ପଦମର୍ଯ୍ୟାଦା ବୃଦ୍ଧି ପାଇବ, ଅପଦସ୍ତ ହୋଇପାରନ୍ତି, କାମଟି ଶେଷ ହେବନି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ବିବାଦୀୟ ଘଟଣାରେ ନୀରବତା, କଚେରୀମାମଲାର ଶୁଣାଣି ବିଳମ୍ବ ॥

**ବିଛା** — ନୈତିକମାନ ବୃଦ୍ଧି, ସାଂଗଠନିକ ନେତୃତ୍ୱ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଯୋଗସାଧନାରେ ଆଗ୍ରହ, ପଡୋଶୀଙ୍କ ସୌହାର୍ଦ୍ଦ୍ୟ, ସମସ୍ୟାର ମୁକାବିଲା କରିବେ, ମୂଲ୍ୟବାନ ଦ୍ରବ୍ୟ ଲାଭ, ଧର୍ମାନୁଷ୍ଠାନରୁ ପ୍ରେରଣା, ଶିକ୍ଷାରେ ସଫଳତା ॥

**ଧନୁ** — ମନ ପ୍ରଫୁଲ୍ଲ ରହିବ, ବନ୍ଧୁ ମିଳନରୁ ଆନନ୍ଦ, ଆମୋଦପ୍ରମୋଦର ମଉକା, ପୁତ୍ରକନ୍ୟାହେତୁକ ସମସ୍ୟା, ପରାଶ୍ରୟତାରୁ ଦୁଃଖ, ସ୍ୱାସ୍ଥ୍ୟରେ ଉନ୍ନତିରୁ ଆଶ୍ୱସ୍ତି, ପଡୋଶୀଙ୍କୁ ସହାନୁଭୂତି, ଶୁଭଖବର ପାଇବେ, ପାରିବାରିକ ସଦ୍ଭାବ, ସାମୟିକ ବାଧା ସୃଷ୍ଟି, ବିଚଳିତବୋଧ କରିବେ ॥

**ମକର** — ମାନସିକ ଶାନ୍ତି, ପ୍ରିୟବନ୍ଧୁଙ୍କୁ ମିଶିବେ, ବିବାଦର ସମାଧାନ, ଅର୍ଥ ଓ ସମ୍ମାନଲାଭ, ନିର୍ମାଣ ଚାଲୁ ରହିବ, ପ୍ରତିବନ୍ଧକ ରହିବନି, ଧାର୍ମିକକାର୍ଯ୍ୟ କରିବେ, ଚିନ୍ତାମୁକ୍ତ ହେବେ, ରାଜନୈତିକ ସୁଯୋଗ ଲାଭ, ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା, ହାତ ଖାଲି ରହିବ ॥

**କୁମ୍ଭ** — ଦୈହିକ ଦୁର୍ବଳତା, ଦ୍ୱନ୍ଦ୍ୱର ଅବସାନ, ପରିବାରରେ ବ୍ୟତିକ୍ରମ, ବନ୍ଧୁଙ୍କ ସହଯୋଗ, ଭ୍ରମଣ ଓ ଦେବଦର୍ଶନ, ସମସ୍ୟା ସମାଧାନ, ମାଙ୍ଗଳିକ କାମର ଆଲୋଚନା, ଦୂରଯାତ୍ରାରେ ସଫଳତା, ଅଜୀର୍ଣ୍ଣରୁ ପେଟ ଗୋଳମାଳ, କର୍ମକ୍ଷେତ୍ରରେ ବିବାଦ ॥

**ମୀନ** — ନିଷ୍ପତି ପରିବର୍ତ୍ତନ, ଲେଖାପଢାରୁ ଶୁଭଫଳ, ସୁସ୍ଥତା ଫେରି ପାଇବେ, ବ୍ୟବସାୟରେ କ୍ଷତି, ଶେୟାର ବଜାରରେ ଉନ୍ନତି, ପ୍ରତିକୂଳ ପରିସ୍ଥିତିର ଚାପ, ପୈତୃକସମ୍ପତିରେ ବିବାଦ, ଯାନବାହନର ମରାମତି, ସନ୍ତାନଙ୍କ କୃତିତ୍ୱ, ଋଣଗ୍ରସ୍ତ ହେବେ, ସ୍ତ୍ରୀଙ୍କ ପରାମର୍ଶରୁ ଲାଭ ॥

## କଳାଜାଇରୁ ଜାଣନ୍ତୁ ବ୍ୟକ୍ତିତ୍ୱ

**କ**ଳାଜାଇ କେବଳ ଏକ ବ୍ୟୁଟି ସ୍ପଟ୍ ନୁହେଁ ଏଥିରୁ ବି ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ବିଷୟରେ ଅନେକ କଥା ଜାଣିହୁଏ । ଯେମିତିକି ଯଦି କାହାର ନାକରେ କଳାଜାଇ ଥାଏ, ସିଏ ଭାଗ୍ୟଶାଳୀ ହେବା ସହ ଜୀବନରେ ଖୁବ୍ ଉନ୍ନତି କରିଥାନ୍ତି । କଷ୍ଟ କରି ସଫଳତା ପାଇବାରେ ତାଙ୍କର ବିଶ୍ୱାସ ରହିଥାଏ । ସମସ୍ତେ ତାଙ୍କୁ ଖୁବ୍ ଭଲ ପାଇଥାନ୍ତି । ଯେଉଁ ବ୍ୟକ୍ତିଙ୍କ ତାଲୁ ଉପରେ କଳାଜାଇ ଥାଏ ସେ ପୁରୁଷ ହୁଅନ୍ତୁ ଅବା ମହିଳା, ଧନବାନ୍ ଓ ପ୍ରତିଷ୍ଠିତ ହେବା ସହ ଜୀବନରେ ଖୁବ୍ ଲୋକପ୍ରିୟତା ହାସଲ କରିଥାନ୍ତି । କିନ୍ତୁ ତାଲୁକୁ ଛାଡ଼ି ମୁଣ୍ଡର ଅନ୍ୟ କେଉଁ ସ୍ଥାନ ଯେପରିକି ପଛପଟ ଅଥବା ମଥାର ଡାହାଣ ପଟେ କଳାଜାଇ ରହିବା ସେତେଟା ଶୁଭଫଳ ଦେଇ ନଥାଏ । ଏହି ସ୍ଥାନରେ କଳାଜାଇ ଥିବା ବ୍ୟକ୍ତିଙ୍କ ଜୀବନ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥାଏ ବୋଲି କୁହାଯାଏ । କାନ ଉପରେ କଳାଜାଇ ରହିବା ବୁଦ୍ଧିମାନ ତଥା ଚତୁରତାର ସଙ୍କେତ ଦେଇଥାଏ । ଯେଉଁମାନଙ୍କର ଏମିତି ଥାଏ



ସେମାନେ ନିଜ ବୁଦ୍ଧି ବଳରେ ଖୁବ୍ ଟଙ୍କା ଅର୍ଜନ କରିଥାନ୍ତି । ସେହିପରି ଖର୍ଚ୍ଚ ବି ଖୁବ୍ କରନ୍ତି । ମୁହଁର ବାମପଟେ କଳାଜାଇ ରହିବା ସେତେ ଶୁଭ ହୋଇ ନଥାଏ । ହେଲେ ମୁହଁର ଡାହାଣ ପଟେ କିମ୍ବା ମଝି ଭାଗରେ କଳାଜାଇ ଥିଲେ ବ୍ୟକ୍ତି ଭାଗ୍ୟଶାଳୀ ହୋଇଥାନ୍ତି । ସେହିପରି ଯାହାଙ୍କର ଡାହାଣ ପଟ ପତା ଉପରେ କଳାଜାଇ ଥାଏ, ସେ ଧାର୍ମିକ ସ୍ୱଭାବର ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ ।

## ପାଠକୀୟ

✲ ପର୍ବତାରୋହଣ ନିହାତି ଏକ ଦୁଃସାହସିକ ଯାତ୍ରା । ଯେଉଁଥିରେ ଅନେକ ବାଧାବିଘ୍ନ ଆସିଥାଏ । କିନ୍ତୁ ଶିଖର ଛୁଇଁବାର ନିଶା ଏମାନଙ୍କ ନିଷ୍ପତ୍ତିକୁ ବଦଳାଇ ନଥାଏ । ଯେଉଁ ନିଶାରେ ସାମିଲ ହୋଇଥିବା କେତେଜଣ ପର୍ବତାରୋହୀ ଝିଅଙ୍କୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପର୍ବତ ନନ୍ଦିନୀ' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା । 'ପକ୍ଷୀ ଦିଅନ୍ତି ଶୁଭଅଶୁଭର ସଙ୍କେତ', 'ଅଁଳା ଗଛର ମହତ୍ତ୍ୱ' ଶୀର୍ଷକ ପାଠଦୁଇଟିରୁ ବହୁ ଅଜଣା କଥା ଜାଣିହେଲା ।

*– ପ୍ରଣତି ପ୍ରଧାନ, ସୋର, ବାଲେଶ୍ୱର*

✲ ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପର୍ବତ ନନ୍ଦିନୀ' ଏକ ମନଲାଖି ଆଲେଖ୍ୟ ଥିଲା । 'ବ୍ଲଡ୍ ଗ୍ରୁପ୍ କହେ ବ୍ୟକ୍ତିତ୍ୱର କଥା' ପାଠଟିରୁ ବହୁ ଉପାଦେୟ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା । ବ୍ୟକ୍ତିତ୍ୱ ପୃଷ୍ଠାରୁ ସର୍ଜନାର ସୁବାସ ଓ ସ୍ନିଗ୍ଧତା ଡକ୍ଟର ତୁଳସୀ ଓଝାଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା ।

*– ଭାଗ୍ୟଶ୍ରୀ ରାଉତରାୟ, ସମ୍ବଲପୁର*

✲ ସିନେମା ପୃଷ୍ଠାରେ ସ୍ଥାନିତ 'ଭଗିଆ ଭାରିଯା', 'ଖୁସି ରହସ୍ୟ', 'କଥା ବାରବର୍ଷର', 'ବିଜୟଙ୍କ ପ୍ରଶଂସାରେ କ୍ୟାଟ୍ରିନା' ଶୀର୍ଷକ ପାଠଗୁଡ଼ିକ ଯେତିକି ତଥ୍ୟପୂର୍ଣ୍ଣ ଥିଲା ସେତିକି ମଜାଦାର୍ ବି ଲାଗୁଥିଲା । ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ଥିଲା ।

*– ସୁବାସ ସାହୁ, ସୁନ୍ଦରଗଡ଼*

✲ ସୃଜନ ପୃଷ୍ଠାରେ ସ୍ଥାନିତ 'ହସ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା । 'ସମୟର ଚତୁରୀ', 'ନୂଆବର୍ଷ' ଶୀର୍ଷକ କବିତା ଦୁଇଟି ବି ହୃଦୟସ୍ପର୍ଶୀ ଥିଲା । ମଡେଲ୍ ମିରର୍‌ରେ ଜୟଶ୍ରୀ ବେଶ୍ ସୁନ୍ଦରୀ ଲାଗୁଥିଲେ । ହାଃ ହାଃ ବି ମଜାଦାର୍ ଥିଲା ।

*– ରୁପେଶ ସ୍ୱାଇଁ, ପୁରୀ*

✲ ସହର ପୃଷ୍ଠାରୁ ଭାସମାନ ଅଭୟାରଣ୍ୟ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା । ବିବିଧା ପୃଷ୍ଠାରେ ସ୍ଥାନିତ 'ମଣିଷ ଉଡ଼ିପାରେନା କାହିଁକି' ଏବଂ 'ମାନବ ସ୍ଲାଇଲି' ଆଦି ପାଠଗୁଡ଼ିକ ଯେତିକି ମଜାଦାର୍ ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା ।

*– ଅନାମିକା ଦାସ, ଅନୁଗୁଳ*

✲ ଏଥରର ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ପ୍ରଦର୍ଶନ ସାଇଡ୍ ଇଫେକ୍ଟ' ଶୀର୍ଷକ ଆଲେଖ୍ୟଟି ଏକ ନିଆରା ଆଲେଖ୍ୟ ଥିଲା । ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଆଇରନିଂ ବୋର୍ଡ ମିରର୍', 'ହମିଂବାର୍ଡ ନୁହେଁ ଫୁଲ', 'ସ୍କୁଟର କମୋଡ' ଶୀର୍ଷକ ଲେଖାଗୁଡ଼ିକ ଯେତିକି ତଥ୍ୟପୂର୍ଣ୍ଣ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା ।

*– ଚିନ୍ମୟୀ ପ୍ରଧାନ, ରାଉରକେଲା*



### ବିଶେଷ ଚିଠି

ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ
ଲାଗେ ଭାରୀ ନିଆରା,
ଶିଖାଏ ନୂଆ ନୂଆ କଥା
ଦିଏ ବେସାହାରାକୁ ସାହାରା ।
ବ୍ୟକ୍ତିତ୍ୱ, ସୃଜନ, ସିନେମା ବି
କରୁଥାଏ କିମିଆ,
ସାଥୀର ଉତ୍ତର ପୁଣି
ମନେ ଜଳାଏ ନିଆଁ ।
ହେ ମୋର ପ୍ରିୟ ଛୁଟିଦିନ
ପତ୍ରିକା ମଧ୍ୟରେ ତୁମେ ସର୍ବୋତ୍ତମ ।

*– ଅବିନାଶ ମହାନ୍ତି,*
*ଚକ୍ରତୀର୍ଥ ରୋଡ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପରିଚୟ ଦେଇଛି ଖବରକାଗଜ



**ଅନେକଙ୍କର ଖବରକାଗଜ ପଢା ବିନା ଦିନ ଆରମ୍ଭ ହୋଇ ନ ଥାଏ। କିନ୍ତୁ ଏମିତି ଅନେକ ଅଛନ୍ତି ଯେଉଁମାନେ କେବଳ ଖବରକାଗଜ ପଢନ୍ତି ନାହିଁ, ତାକୁ ସାଇତି ରଖିବାରେ ବି ବେଶ୍ ରୁଚି ରଖନ୍ତି। ସେପୁଣି ନିଜ ପସନ୍ଦ ହିସାବରେ ସ୍ୱତନ୍ତ୍ର ବିଷୟକୁ ନେଇ ଖବରକାଗଜ ସଂଗ୍ରହ କରିଛନ୍ତି। ଯାହା ତାଙ୍କୁ ଦେଇଛି ଭିନ୍ନ ପରିଚୟ।**

**ଜାନୁଆରୀ ୨୯ ତାରିଖ ଭାରତୀୟ ଖବରକାଗଜ ଦିବସ ଅବସରରେ ଏଥରର ପ୍ରଚ୍ଛଦ...**

ଖବରକାଗଜ ହେଉଛି ସମାଜର ଦର୍ପଣ। ତେଣୁ ଖବରକାଗଜକୁ ଊଣା ଅଧିକେ ପ୍ରାୟ ସମସ୍ତେ ପଢନ୍ତି। ଅନେକଙ୍କର ଖବରକାଗଜ ପଢା ବିନା ଦିନ ଆରମ୍ଭ ହୋଇନ ଥାଏ। କିନ୍ତୁ ଏମିତି ବି କେତେଜଣ ଅଛନ୍ତି ଯେଉଁମାନେ ଖବରକାଗଜ କେବଳ ପଢନ୍ତି ନାହିଁ, ତାକୁ ସାଇତି ରଖିବାରେ ବି ବେଶ୍ ରୁଚି ରଖନ୍ତି। ଏମିତିକି ଖବରକାଗଜ ସଂଗ୍ରହ କରିବା ପାଇଁ ବର୍ଷ ବର୍ଷ ଧରି ଘୂରିବୁଲିଛନ୍ତି ବିଭିନ୍ନ ସ୍ଥାନକୁ। ଖବରକାଗଜ ସାଇତି ରଖିବାର ନିଶା ତାଙ୍କୁ ଦେଇଛି ଭିନ୍ନ ପରିଚୟ। ଏଥିପାଇଁ ବିଭିନ୍ନ କ୍ଷେତ୍ରରୁ ତାଙ୍କୁ ମିଳିଛି ବହୁ ସମ୍ମାନ ଓ ପୁରସ୍କାର । ଏମାନଙ୍କ ମଧ୍ୟରେ କିଏ ସ୍ୱତନ୍ତ୍ରଭାବେ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ପ୍ରକାଶିତ ଏକାଧିକ ପତ୍ରପତ୍ରିକାରୁ ସଂଗୃହୀତ ନାନା ଲେଖାକୁ ସଂଗ୍ରହ କରିଛନ୍ତି ତ ପୁଣି କିଏ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ପ୍ରକାଶିତ କେତେକ ଲେଖାକୁ ସାଇତି ରଖିଛନ୍ତି। ଆଉ କିଏ ପରିବେଶ ସୁରକ୍ଷାକୁ ନେଇ ପ୍ରକାଶିତ ବିଭିନ୍ନ ଖବର, ଫିଚରକୁ ସାଇତିଛନ୍ତି। ପୁଣି କଳିଙ୍ଗ, ଉତ୍କଳ ଓ ଓଡ଼ିଶା ନାମରେ ନାମକରଣ ହୋଇଥିବା କେତୋଟି ଖବରକାଗଜକୁ ସାଇତି ରଖିଛନ୍ତି। ସେମିତି କେତେଜଣ ଖବରକାଗଜ ସଂଗ୍ରାହକଙ୍କ ସମ୍ପର୍କରେ-

**ଘରକୁ ଆସୁଥିବା ଖବରକାଗଜ ସାଇତିଥିଲି:** ଓଡ଼ିଶାରେ ଖବର କାଗଜ ସଂଗ୍ରାହକଙ୍କ କଥା କୁହାଗଲେ ପ୍ରଥମେ ଯାହାଙ୍କ ନାଁ ଆସେ ସେ ହେଲେ ଶଶାଙ୍କ ଶେଖର ଦାଶ। ପିତା ଦୋଳଗୋବିନ୍ଦ ଦାଶ। ମା' ଲକ୍ଷ୍ମୀପ୍ରିୟା ଦାଶ। ଘର ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମରେ। ବିଶ୍ୱର ସର୍ବାଧିକ ଖବରକାଗଜ ସଂଗ୍ରହକରି ସେ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ର ଅଧିକାରୀ ହୋଇପାରିଛନ୍ତି । ସେ କୁହନ୍ତି, 'ମୋ ସ୍କୁଲ ସମୟରେ ଆମ ଘରକୁ ବିଭିନ୍ନ ପ୍ରକାର ପତ୍ରପତ୍ରିକା ଓ ଖବରକାଗଜ ଆସୁଥିଲା। ପିଲାଟିଦିନରୁ ସେଗୁଡ଼ିକୁ ଦେଖି ପଢ଼ିବା ଓ ସଂଗ୍ରହ କରିବାରେ ମନ ବଳାଇଥିଲି। ତେବେ ୨୦୦୦ ମସିହାରେ ଏକ ପତ୍ରିକା ପ୍ରେସ୍‌ରେ କାର୍ଯ୍ୟ କରୁଥିବା ବେଳେ ବିଭିନ୍ନ ଖବରକାଗଜକୁ ସଂଗ୍ରହ କଲି। କିଛିବର୍ଷ ମଧ୍ୟରେ ଅରଙ୍ଗାବାଦଠାରେ ଦୋଳଗୋବିନ୍ଦ ନ୍ୟୁଜ୍‌ପେପର ମ୍ୟୁଜିୟମ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପ୍ରତିଷ୍ଠା କରିଛି। ଏଥିରେ ପ୍ରାୟ ୧୦,୦୦୦ରୁ ଅଧିକ ନାନା ପ୍ରକାରର ବିଭିନ୍ନ ଭାଷାର ତଥା ଦେଶ ବିଦେଶର ଖବରକାଗଜ ସଂଗ୍ରହ ହୋଇ ରହିଛି ; ଯାହା କି ୧୪୨ଟି ଦେଶର ହୋଇଥିବା ବେଳେ ତାହ ୯୪ଟି ଭାଷାର। ଖବରକାଗଜଗୁଡ଼ିକ ମଧ୍ୟରେ ଆଫଗାନିସ୍ତାନ, ଆମେରିକା, ଅଷ୍ଟ୍ରେଲିଆ, ବାଂଲାଦେଶ, ବେଲଜିୟମ, ଭୁଟାନ, କାଲିଫର୍ନିଆ, କାନାଡା, ଚାଇନା, ଇଂଲଣ୍ଡ, ଇଥିଓପିଆ, ଫିନ୍‌ଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ହଂକଂ, ଭାରତ, ଇଣ୍ଡୋନେସିଆ, ଆୟର୍ଲାଣ୍ଡ, ଇସ୍ରାଏଲ, ଇଟାଲି, ଜାପାନ, କେନିଆ, ଲାଓସ, ମାଲେସିଆ, ମାଞ୍ଚେଷ୍ଟର, ନେପାଳ, ନେଦରଲାଣ୍ଡ, ନିଉଜିଲାଣ୍ଡ, ଓମାନ, ଫିଲିପାଇନ୍ସ, ଦ୍ୱମାଲି, ପାନାମା, ରୁଷିଆ, ସାଉଦି ଆରବ, ସିଙ୍ଗାପୁର, ଦକ୍ଷିଣକୋରିଆ, ଶ୍ରୀଲଙ୍କା, ସୁଇଜରଲାଣ୍ଡ, ତାଇୱାନ, ଥାଇଲାଣ୍ଡ, ତିମୋର, ତୁର୍କୀ, କାତାର, ଉଗାଣ୍ଡା ଓ ୟୁନାଇଟେଡ ଆରବ ଏମିରେଟ୍ସ ଦେଶର ଅଟେ । ଖବରକାଗଜଗୁଡ଼ିକ ଆରବୀ, ଆସାମୀ, ଅଷ୍ଟ୍ରେଲିଆ, ଇଂରାଜୀ, ବଙ୍ଗଳା, ଚାଇନା, ଡଚ୍, ଜର୍ମାନୀ, ଗୁଜରାଟୀ, ହିନ୍ଦୀ, ଇଟାଲିଆନ, ଜାପାନୀ, କନ୍ନଡ଼, କୋଙ୍କଣୀ, କୋଶଳୀ, କୁଡୁମାଲୀ, ମାଲାୟାଲମ, ମରାଠୀ, ନେପାଳୀ, ଓଡ଼ିଆ, ଓ ଇଂରାଜୀ ଲିପି, ପାସ୍ତୋ, ପାବୀ, ରୁଷିଆନ, ସଂସ୍କୃତ, ସାନ୍ତାଳୀ, ସ୍ପାନିସ୍, ତାଇୱାନିସ୍, ତାମିଲ, ତେଲୁଗୁ, ଟେଟମ, ଥାଇ ଓ ଉର୍ଦ୍ଦୁ ଭାଷାର ଅଟେ। ଉତ୍କଳ ନାମ ଥାଇ ଉତ୍କଳ ଦୀପିକା, ଉତ୍କଳ ଦର୍ଶନ, ଉତ୍କଳ ମେଲ, ଉତ୍କଳ ସମାଜ, ଉତ୍କଳ ଉଜ୍ଜଳା, ଉତ୍କଳ ସମାଚାର, ଉତ୍କଳ ରିପୋର୍ଟର, ଉତ୍କଳ ପ୍ରଭା, ଉତ୍କଳ ପ୍ରହରୀ, ଉତ୍କଳ ଲିପି ଆଦି ୩୩ଟି, ଓଡ଼ିଶା ନାମ ଥାଇ ଓରିଶା ପୋଷ୍ଟ, ଓରିଶା ଟାଇମସ୍, ଓରିଶା ରିପୋର୍ଟର, ଓରିଶା ଏକ୍ସପ୍ରେସ, ଓରିଶା ମିଜାଜ, ଓରିଶା ମିଡ୍ ଡେ, ଓଡ଼ିଶା ନ୍ୟୁଜ୍, ଓଡ଼ିଶା ଭାସ୍କର, ଓଡ଼ିଶା ସନ୍ଦେଶ, ଓଡ଼ିଶା କଥା, ଓଡ଼ିଶାବାର୍ତ୍ତା, ଓଡ଼ିଶା ଉଦୟ, ଓଡ଼ିଶା ଖବର ଆଦି ୩୮ଟି ଏବଂ କଳିଙ୍ଗ ନାମ ଥାଇ କଳିଙ୍ଗ, କଳିଙ୍ଗ ଭାରତୀ, କଳିଙ୍ଗମେଲ, କଳିଙ୍ଗପୁତ୍ର, କଳିଙ୍ଗ ପ୍ରଭା, କଳିଙ୍ଗ ଭାରତ, କଳିଙ୍ଗଗୌରବ, କଳିଙ୍ଗ ସମାଚାର, କଳିଙ୍ଗ ଖବର ପ୍ରାୟ ୩୨ଟି ଖବରକାଗଜ ଓ ପତ୍ରପତ୍ରିକା ସାଇତି ରଖିଛି। ଖବରକାଗଜକୁ ନେଇ ଲିମ୍‌କା ବୁକ୍ ଅଫ ରେକର୍ଡସ- ୨୦୧୩ (ଦୁଇଥର)। ଇଣ୍ଡିଆ ବୁକ୍ ଅଫ ରେକର୍ଡସ- ୨୦୧୩। ଲିମ୍‌କା ବୁକ୍ ଅଫ ରେକର୍ଡସ- ୨୦୧୯, କ୍ରେଡେନ୍ସ ବୁକ୍ ଅଫ ୱାର୍ଲ୍ଡ ରେକର୍ଡ- ୨୦୧୯, ଲିମ୍‌କା ବୁକ୍ ଅଫ ରେକର୍ଡସ- ୨୦୨୦-୨୨ ପୁସ୍ତକ (ଦୁଇଥର)। ଓଏମ୍‌ଜି ବୁକ୍ ଅଫ ରେକର୍ଡସ- ୨୦୨୧, ଗିନିଜ ୱାର୍ଲ୍ଡ ରେକର୍ଡସ-୨୦୨୨ ସମେତ ବିଭିନ୍ନ ସଂସ୍ଥାରୁ ପୁରସ୍କୃତ ଓ ସମ୍ମାନିତ ହୋଇଛି।'

**ଗାନ୍ଧିଜୀଙ୍କ ସମ୍ପର୍କିତ ଖବର ସଂଗ୍ରହ:** ପିଲାଦିନେ ସେ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ମା'ଙ୍କଠାରୁ ଶୁଣୁଥିଲେ। ତେଣୁ ସ୍କୁଲ ବୟସରୁ ଗାନ୍ଧିଜୀଙ୍କ ସମ୍ପର୍କିତ ଯେଉଁ ଖବର ବାହାରୁଥିଲା ତାକୁ ସେ ସଂଗ୍ରହ କରୁଥିଲେ। ସମୟକ୍ରମେ ସର୍ବଭାରତୀୟସ୍ତରରେ ୧୫ରୁ ଅଧିକ ଭାଷାରେ ପ୍ରକାଶିତ ପ୍ରାୟ ୪୫୩ରୁ ଅଧିକ ଖବରକାଗଜ ସଂଗ୍ରହକରି ସେ ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଥିଲେ। ସେ ହେଲେ ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ଔପଦା ଗାଁର **ଅଶୋକ କୁମାର ସାହୁ** । ପରିବାର ଚଳାଇବା ପାଇଁ ନିଜସ୍ୱ ଉଦ୍ୟମରେ ଏକ ଡିଟିପି ସେଣ୍ଟର କରିଛନ୍ତି। ତେବେ ତାଙ୍କର ନିଶା ଗାନ୍ଧିଜୀଙ୍କ ସମ୍ପର୍କିତ ବିଭିନ୍ନ ସ୍ମୃତି ସଂଗ୍ରହ କରିବା। ସେ କୁହନ୍ତି, ମୋ ମା ପିଲାଦିନେ ଗାନ୍ଧିଜୀଙ୍କ ଜୀବନୀ କହୁଥିଲେ ମାତ୍ର ସ୍କୁଲ ବୟସରେ ମହାତ୍ମା ଗାନ୍ଧୀଙ୍କୁ ଜାଣିବା ପାଇଁ ମନରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଥିଲା। ସେଥିପାଇଁ ବିଭିନ୍ନ ପତ୍ରପତ୍ରିକା ପଢିବା ସହିତ ତାଙ୍କ ସମ୍ପର୍କରେ ପ୍ରକାଶିତ ଲେଖାକୁ ସଂଗ୍ରହ କରୁଥିଲି। ତେବେ →






୨୦୧୨, ଅକ୍ଟୋବର ୨ରେ ଗାନ୍ଧିଜୀଙ୍କ ଜନ୍ମଦିବସ ଅବସରରେ ପ୍ରାୟ ୧୯ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରକାଶିତ ୧୫ଟି ଭାଷାର ପ୍ରାୟ ୪୫୩ଟି ଖବରକାଗଜକୁ ସଂଗ୍ରହ କରିଥିଲି, ଯେଉଁଥିରେ କି ଗାନ୍ଧିଜୀଙ୍କ ସମ୍ପର୍କରେ ଲେଖା ପ୍ରକାଶିତ ହୋଇଥିଲା। ଏଥିପାଇଁ ଏହି ଖବରକାଗଜ ସଂଗ୍ରହ ନିମନ୍ତେ ବିଭିନ୍ନ ଅଞ୍ଚଳରେ ରହୁଥିବା ବନ୍ଧୁମାନଙ୍କ ସହଯୋଗରେ ସେମାନଙ୍କୁ ଅନୁରୋଧ କରି ଜଣାଇଥିଲି ସେ ଦିନର ଖବରକାଗଜଟିଏ ଆଣିବା ପାଇଁ । ଏଥିରେ ସଫଳତା ପାଇଥିଲି। ତେବେ ଗାନ୍ଧିଜୀଙ୍କ ବିଷୟରେ ଲେଖାଥିବା ବିଭିନ୍ନ ଲେଖକଙ୍କ ୨୭୦ଟି ବହିକୁ ମଧ୍ୟ ସାଇତି ରଖିଛି । ସେହିପରି ଭାରତ ଓ ଭାରତ ବାହାରେ ବିଭିନ୍ନ ସ୍ଥାନରେ ଥିବା ୧୮୫ଟି ଗାନ୍ଧିଜୀଙ୍କ ପ୍ରସିଦ୍ଧ ପ୍ରତିମୂର୍ତ୍ତିର ଫଟୋକୁ ସଂଗ୍ରହ କରି ରଖିଛି। ଏଥିସହିତ ବହୁ ବିରଳ ଲେଖା ଓ ଫଟୋ ଆଦି ସଂଗ୍ରହ କରିବାର ନିଶା ଏବେ ବି ରହିଛି। ଏଥିପାଇଁ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। ଖର୍ଚ୍ଚ ମଧ୍ୟ ହୋଇଛି। ସାରା ଜୀବନ ଗାନ୍ଧିଜୀଙ୍କ ସ୍ମୃତି ସାଉଁଟିବାର ପ୍ରୟାସ ଜାରି ରହିଛି। ଗାନ୍ଧିଜୀଙ୍କ ସମ୍ପର୍କରେ ସାଇତି ରଖିଥିବା ନାନା ସ୍ମୃତିକୁ ଏକ ସଂଗ୍ରହାଳୟରେ ରଖିବା ପାଇଁ ଉଦ୍ୟମ କରୁଛି। ଏଥିପାଇଁ ସରକାରଙ୍କ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ବିଭିନ୍ନ ପତ୍ରପତ୍ରିକାର ଲେଖା ଓ ଫଟୋରୁ ଗାନ୍ଧୀଙ୍କ ସମ୍ପର୍କରେ ଜାଣିବା ପାଇଁ ସ୍କୁଲ କଲେଜର ଛାତ୍ରୀଛାତ୍ର ଓ ଗବେଷକମାନେ ଏଠାକୁ ମଧ୍ୟ ଆସୁଥିବାରୁ ଖୁସୀ ହୋଇଥାଏ। ସେମାନେ ଏଥିରୁ ଉପକୃତ ହେବା ସହିତ ଆଗାମୀ ପିଢିଙ୍କ ପାଇଁ ଏହା ଏକ ବାର୍ତ୍ତା ଦେଇଥାଏ। ମୋର ଏହି ପ୍ରତିଭା ପାଇଁ ବିଭିନ୍ନ ସଂସ୍ଥାରୁ ପୁରସ୍କୃତ ଓ ସମ୍ମାନିତ ହୋଇଅଛି।

**ବିଜୁବାବୁଙ୍କ ସ୍ମୃତିସନ୍ତକ ରଖୁଥିଲି:** ଓଡ଼ିଶାର ପ୍ରବାଦପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ଥରେ ତାଙ୍କର ଦେଖା ହୋଇଥିଲା। ଆଉ ସେବେଠାରୁ ବିଜୁବାବୁଙ୍କ ସମ୍ପର୍କିତ ବିଭିନ୍ନ ଖବରକାଗଜରେ ପ୍ରକାଶିତ ଲେଖା, ଖବର ଓ ପତ୍ରପତ୍ରିକାକୁ ସାଇତି ରଖିଛନ୍ତି। ସେ ହେଲେ **ସୁଜିତ ପଟ୍ଟନାୟକ**। ପିତା ସୁରେନ୍ଦ୍ରନାଥ ପଟ୍ଟନାୟକ, ମା ଲକ୍ଷ୍ମୀପ୍ରିୟା। ଘର କେନ୍ଦୁଝର ଜିଲା ସଦର ବଜାରର ପୋଷ୍ଟଅଫିସ ନିକଟରେ। ସେ କୁହନ୍ତି, 'ଆମ ଘରକୁ ବାପାଙ୍କ ସମୟରୁ ପ୍ରତିଦିନି ୫ଟି ଖବରକାଗଜ ଆସୁଥିଲା। ସମୟକ୍ରମେ ମୁଁ ବିଭିନ୍ନ ଅଞ୍ଚଳକୁ ବୁଲିବାକୁ ଯାଉଥିବା ବେଳେ ସେହି ଅଞ୍ଚଳରେ ପ୍ରକାଶ ପାଉଥିବା ବିଭିନ୍ନ ଖବର କାଗଜକୁ ସଂଗ୍ରହକରି ଘରକୁ ଆଣୁଥିଲି। କିଛିଦିନ ପରେ ଖବରକାଗଜଗୁଡ଼ିକ ଘରେ ଗଦାହୋଇ ରହୁଥିଲା। ମାତ୍ର ସେଥିରେ ପ୍ରକାଶିତ ବିଭିନ୍ନ ଲେଖାକୁ ପଢିଲା ପରେ ସେହି ଖବରକାଗଜ ଓ ପତ୍ରପତ୍ରିକାକୁ ସାଇତି ରଖିବାକୁ ଆଗ୍ରହ ଆସିଲା। ୧୯୪୮ ମସିହାରୁ ବିଭିନ୍ନ ଖବରକାଗଜ ସଂଗ୍ରହ କରିବା ଆରମ୍ଭ କଲି। ସେତେବେଳେ ପ୍ରଜାତନ୍ତ୍ରକୁ କିଛି କିଛି ଲେଖା ଦେଇ ଖୁସି ହେଉଥିଲି। ଆମ ଅଞ୍ଚଳର କେହି ଚିହ୍ନାଲୋକ ଯଦି ରାଜ୍ୟ ବାହାରକୁ ଯାଉଥିଲେ ସେମାନଙ୍କୁ ସେଠାକାର ଖବରକାଗଜଟିଏ ଆଣିବାକୁ ଅନୁରୋଧ କରୁଥିଲି। ଏବେ ମୋ ପାଖରେ ପ୍ରାୟ ୯ଶହ ପ୍ରକାରର ବିଭିନ୍ନ ଖବରକାଗଜ ମଧ୍ୟରେ ଦୈନିକ ୧୨୨ ପ୍ରକାରର, ସାପ୍ତାହିକଭାବେ ୨୮୪ ପ୍ରକାରର, ୧୭୦ ପ୍ରକାରର ପାକ୍ଷିକ, ମାସିକ ୧୫୦ ପ୍ରକାରର, ତ୍ରୟମାସିକ ୮ ପ୍ରକାରର, ନିଯୁକ୍ତିଖବର ୧୨ ପ୍ରକାରର ଏବଂ କେତେକ ପୁରୁଣା ବିରଳ ଖବରକାଗଜର ଜେରକ୍ସ ୧୭୬ ପ୍ରକାରର, ବିଦେଶୀ ଖବର କାଗଜ ୧୦୯ ପ୍ରକାରର, ୧୫୨ ପ୍ରକାରର ନ୍ୟୁଜ୍ ଲେଟର, ପଞ୍ଜାବୀ ୧୫ ପ୍ରକାରର, ଗୁଜରାଟୀ ୨୮ ପ୍ରକାରର, ବେଙ୍ଗଲୀ ୪୬ ପ୍ରକାରର, ଉର୍ଦ୍ଦୁ ୧୦୮ ପ୍ରକାରର, ଇଂଲିଶ ୨୧୪ ପ୍ରକାରର, ହିନ୍ଦୀ ୪୨୪ ପ୍ରକାରର ବିଭିନ୍ନ ପତ୍ରପତ୍ରିକା ସାଇତି ରଖିଛି। ଏହା ବ୍ୟତୀତ ମରାଠୀ, ତେଲୁଗୁ, ତାମିଲ, ଖାସି ଆଦି ଭାଷାର ରହିଛି। ଏଥିପାଇଁ ଶତାଧିକ ଅନୁଷ୍ଠାନରୁ ମୋତେ ପୁରସ୍କୃତ ଓ ସମ୍ମାନିତ କରାଯାଇଛି। ଏଥିପାଇଁ ମତେ କ୍ଷୁଦ୍ର ମଧ୍ୟମ ସମ୍ବାଦପତ୍ର ମହାସଂଘ, କଳିଙ୍ଗରତ୍ନ, ବିଜୁ ପ୍ରତିଭା ସମ୍ମାନ, ଇଣ୍ଡିଆ ବୁକ୍ ଅଫ ରେକର୍ଡ ଏବଂ ବିରଳ ମୁଦ୍ରଣ ସମ୍ବାଦପତ୍ର ସଂଗ୍ରାହକ ଭାବେ ଭାରତୀୟ ସାମ୍ବାଦିକ ୟୁନିୟନ ତରଫରୁ ପୁରସ୍କୃତ କରାଯାଇଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରବାଦପୁରୁଷ କଳିଙ୍ଗବୀର ବିଜୁ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ବିଭିନ୍ନ ପତ୍ରପତ୍ରିକା ଓ ପୁସ୍ତକ ଏବଂ ଫଟୋକୁ ସଂଗ୍ରହକରି ରଖିଛି। ବିଜୁବାବୁଙ୍କ ସମ୍ପର୍କରେ ବିଭିନ୍ନ ପତ୍ରପତ୍ରିକା ସହ ଏକାଧିକ ପୁସ୍ତକ ସଂଗ୍ରହକରି ରଖିଛି। ୧୯୯୪ ମସିହାରେ ବିଜୁବାବୁଙ୍କ ସହିତ ସ୍ଥାନୀୟ ସର୍କିଟ ହାଉସଠାରେ ପ୍ରଥମେ ସାକ୍ଷାତ ଓ ଆଲୋଚନା କରି ବହୁତ ଖୁସୀ ହୋଇଥିଲି। ସେ କଥା ସବୁଦିନ ମୋର ମନେରହିଥିବ। ସେବେଠାରୁ ବିଜୁବାବୁଙ୍କ ସମ୍ପର୍କିତ ପୁସ୍ତକ, ଫଟୋ ଏବଂ ଖବର ସଂଗ୍ରହ ଜାରି ରଖିଛି। ବିଜୁବାବୁଙ୍କ ସମ୍ପର୍କିତ ଓଡ଼ିଆ, ହିନ୍ଦୀ, ଇଂରାଜୀ ଓ ସଂସ୍କୃତରେ ପ୍ରକାଶିତ ୧୨୦ଖଣ୍ଡ ବହି, ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାର ପ୍ରାୟ ୩୦୦ଟି ଫଟୋ, ୨୧୨ଟି ଫଟୋଥିବା ପୋଷ୍ଟକାର୍ଡ, ବିଜୁବାବୁଙ୍କ ସାପ୍ତାହିକ ଖବରକାଗଜ କଳିଙ୍ଗ ପ୍ରଭୃତି ସାଇତି ରଖିଛି। ଏହାବାଦ୍ ବିଜୁବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ କେନ୍ଦୁଝରରେ ଏକ ଖବରକାଗଜ ମ୍ୟୁଜିୟମ ଏବଂ ଗବେଷଣା କେନ୍ଦ୍ରଟିଏ ସ୍ଥାପନ ପାଇଁ ସରକାରଙ୍କୁ ନିବେଦନ କରିଛି। ବର୍ତ୍ତମାନ ମୋତେ ବୟସ ପ୍ରାୟ ୬୩ ହେଲାଣି। ବିଜୁବାବୁଙ୍କ ସ୍ମୃତି ସଂଗ୍ରହରେ ପ୍ରାୟ ୪୦ ବର୍ଷ ବିତିଗଲାଣି। ଏହି ସଂଗ୍ରହ ନିଶାରେ ମୋର ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଲାଣି।

**ପରିବେଶ ସୁରକ୍ଷା ପାଇଁ ଲେଖା ପ୍ରେରଣା ଦେଇଥିଲା:** ପରିବେଶ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଖବର, ଫିଚର, ଫଟୋ ଓ ନାନା ଲେଖାକୁ ସଂଗ୍ରହକରି ରଖିଛନ୍ତି ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ଜଣେ ଅବସରପ୍ରାପ୍ତ କର୍ମଚାରୀ। ସେ ହେଲେ **ବିଭୂତି ପଟ୍ଟନାୟକ**। ପିତା ଦଣ୍ଡପାଣି ପଟ୍ଟନାୟକ, ମାତା କାଞ୍ଚନବାଳା ପଟ୍ଟନାୟକ। ଘର ଗଞ୍ଜାମ ଜିଲାର କବିସୂର୍ଯ୍ୟନଗର। ବର୍ତ୍ତମାନ ସେ ରହୁଛନ୍ତି ଖୋର୍ଦ୍ଧା ଜିଲାର ଜଟଣୀ ଶ୍ରୀହରି ବିହାରରେ। ସେ କୁହନ୍ତି, 'ମୋତେ ଏବେ ବୟସ ପ୍ରାୟ ୭୧ ବର୍ଷ ଟପିଲାଣି। ୧୯୭୫ ମସିହାରେ ମତେ ପ୍ରଥମେ ଡାକଟିକେଟ, ଦିଆସିଲି ଖୋଳ ସଂଗ୍ରହର ନିଶା ଘାରିଥିଲା। ଟ୍ରେନ୍ ଟିକେଟ ବି ସଂଗ୍ରହ କଲି। ଏହାପରେ ପରିବେଶ ସୁରକ୍ଷା ସମ୍ପର୍କିତ ଖବର ପ୍ରକାଶ ପାଇଥିବା ଖବରକାଗଜ ସଂଗ୍ରହ କରିବାକୁ ଲାଗିଲି। ସମୟକ୍ରମେ ପରିବେଶ ସୁରକ୍ଷା ସମ୍ପର୍କିତ ପ୍ରାୟ ୧୨ଶହରୁ ଉର୍ଦ୍ଧ୍ୱ ଖବର, ଫିଚର, ଫଟୋ ଓ ଲେଖାକୁ ବିଭିନ୍ନ ଭାଷାର ପତ୍ରପତ୍ରିକା ଓ ପୁସ୍ତକରୁ ସଂଗ୍ରହ କଲି। ଏଥିରେ ମତେ ବେଶ୍ ଆନନ୍ଦ ମିଳିଥାଏ। ଏହି ସଂଗ୍ରହ ନିଶାରେ ମୁଁ ବିଭିନ୍ନ ସ୍ଥାନ ବୁଲିବା ସହ ବିତିଗଲାଣି ୪୮ ବର୍ଷ। ଖବରକାଗଜରେ ପ୍ରକାଶିତ ପରିବେଶ ସୁରକ୍ଷା ସମ୍ପର୍କିତ ନାନା ଲେଖାକୁ ସଂଗ୍ରହକରି ସାଇତି ରଖିଛି। ସଂଗ୍ରହ କାର୍ଯ୍ୟ ପାଇଁ ୨୦୧୩ରେ ଇଣ୍ଡିଆ ବୁକ୍ ଅଫ ରେକର୍ଡସ ଏବଂ ୨୦୧୪ରେ ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଛି। ସେହିପରି ୨୦୨୦ରେ ଲିମ୍କା ବୁକ୍ ଅଫ ରେକର୍ଡସ ହାସଲ କରିଛି। ତେବେ ପ୍ରତ୍ୟେକ ବର୍ଷ ଜୁନ୍ ୫କୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଇଥାଏ। କିନ୍ତୁ ପରିବେଶର ସୁରକ୍ଷା ନିମନ୍ତେ ଜନସଚେତନତାର ଆବଶ୍ୟକତା ରହିଛି। ଏଥିପାଇଁ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରୁ ପରିବେଶ ଦିବସର ତାତ୍ପର୍ଯ୍ୟ, ପରିବେଶକୁ ସୁସ୍ଥ ରଖିବା, ପରିବେଶ ସଚେତନତା, ସାଇକେଲ ରାଲି, ପରିବେଶ ସୁରକ୍ଷା ଆମର ମିଳିତ ଦାୟିତ୍ୱ, ପରିବେଶ ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସନ୍ତୁ, ପରିବେଶ ସୁରକ୍ଷା ଜୀବନ ରକ୍ଷା, ମଣିଷ ପରିବେଶ ଉପରେ ନିର୍ଭର ଶୀଳ, ପ୍ରକୃତିର ଦାନ, ସବୁଜ ବଳୟର ଅବକ୍ଷୟ, ମା-ମାଟି ଓ ପ୍ରକୃତିର ସଂରକ୍ଷକ, ପ୍ରକୃତିପ୍ରେମୀ ଆଦି ପ୍ରାୟ ୧୨ଶହ ପ୍ରକାର ଲେଖା ସାଇତି ରଖିଛି। ଏହା ପରିବେଶପ୍ରେମୀ ଛାତ୍ରୀଛାତ୍ର ଓ ଗବେଷକଙ୍କୁ ସହାୟକ ହୋଇପାରିବ । ଏମାନଙ୍କ ବ୍ୟତିତ ଆହୁରି ଅନେକ ଖବରକାଗଜ ସଂଗ୍ରହକାରୀ ଅଛନ୍ତି।

**-ବନବିହାରୀ ବେହେରା**


ବିଭୂତି ପଟ୍ଟନାୟକ


ସୁଜିତ୍ ପଟ୍ଟନାୟକ


ଶଶାଙ୍କ ଶେଖର ଦାଶ




ଅଶୋକ କୁମାର ସାହୁ




# ଭକ୍ତି ଉପହାର



**ଦୀର୍ଘ ୫୦୦ ବର୍ଷର ଅପେକ୍ଷା, ଅନେକ ବଳୀଦାନ ପରେ ପବିତ୍ର ଅଯୋଧ୍ୟା ମାଟିରେ ଗଢ଼ା ଯାଇଛି ଭବ୍ୟ ରାମ ମନ୍ଦିର। ଯେଉଁଠି ପୂଜା ପାଉଛନ୍ତି ପ୍ରଭୁ ଶ୍ରୀରାମଙ୍କ ବାଳକ ରୂପ। ଭକ୍ତଙ୍କ ମନ ଏବେ ରାମମୟ। ସେଇଥିପାଇଁ ତ ଦେଶର କୋଣ ଅନୁକୋଣରୁ ଭକ୍ତ ପଠାଇଛନ୍ତି ସ୍ନେହ, ଶ୍ରଦ୍ଧା ଓ ଭକ୍ତିର ନିଦର୍ଶନ ସ୍ୱରୂପ ଅନେକ ଉପହାର...**



**୧୦୧ କି.ଗ୍ରା.ର ସୁନା:** ସୁରତର ହୀରା ବ୍ୟବସାୟୀ ଦିଲୀପ କୁମାର ଭି ଲାଖିଙ୍କ ପରିବାର ଗୁଜୁରାଟର ବଡ଼ ହୀରା ବ୍ୟବସାୟୀ ପରିବାର ଭାବେ ପରିଚିତ। ଏହି ପରିବାର ଅଯୋଧ୍ୟାର ଭବ୍ୟ ରାମ ମନ୍ଦିର ପାଇଁ ଦାନ କରିଛନ୍ତି ୧୦୧ କି.ଗ୍ରା.ର ସୁନା। ଯାହାକି ସବୁଠାରୁ ବଡ଼ ଉପହାରଭାବେ ଗଣନା କରାଯାଉଛି। ଏହି ସୁନାକୁ ମନ୍ଦିରର କବାଟ, ଗର୍ଭଗୃହ, ତ୍ରିଶୁଳ, ଡମ୍ବରୁ ଓ ମନ୍ଦିରର ସ୍ତମ୍ଭ ଆଦି ତିଆରିରେ ବ୍ୟବହାର କରାଯାଇଛି।

**୧୧ କୋଟିର ସୁନା ମୁକୁଟ:** ସୁରତର ହୀରା ବ୍ୟବସାୟୀ ମୁକେଶ ପଟେଲ ଖୁବ୍ ସ୍ନେହ ଓ ଭକ୍ତି ଭାବରେ ରାମ ଲାଲାଙ୍କୁ ପ୍ରଦାନ କରିଛନ୍ତି ୧୧ କୋଟି ଟଙ୍କାର ଏକ ମୁକୁଟ। ଯାହାକୁ କି ୪.୫ କି.ଗ୍ରା.ର ସୁନା ସହ ହୀରା, ରୁବି, ମୋତି ଓ ବିଭିନ୍ନ ଆକାରର ସାଫାୟର ବ୍ୟବହାର କରି ତିଆରି କରାଯାଇଛି। ମୁକୁଟର ଓଜନ ୬ କି.ଗ୍ରା.। ଉକ୍ତ ମୁକୁଟ ବ୍ୟତିତ ସେ ରୁପାରେ ତିଆରି ରାମ ମନ୍ଦିରର ପ୍ରତିରୂପ ମଧ୍ୟ ଉପହାରସ୍ୱରୂପ ପ୍ରଦାନ କରିଛନ୍ତି।

**ରାମ ମନ୍ଦିର ଡିଜାଇନ୍‌ର ନେକଲେସ୍:** ସୁରତର ଆଉ ଜଣେ ହୀରା ବ୍ୟବସାୟୀ ରାମ ମନ୍ଦିର ଡିଜାଇନ୍‌ର ଏକ ନେକ୍‌ଲେସ୍ ତିଆରି କରି ଅଯୋଧ୍ୟା ରାମ ମନ୍ଦିରକୁ ଉପହାରସ୍ୱରୂପ ପ୍ରଦାନ କରିଛନ୍ତି। ଏହି ନେକ୍‌ଲେସ୍ ଦେଖିବାକୁ ବେଶ୍ ଆକର୍ଷକ। ଏଥିରେ ୫୦୦୦ ଆମେରିକାନ ଡାଇମଣ୍ଡ ଓ ଦୁଇ କେଜି ରୁପା ବ୍ୟବହାର କରାଯାଇଛି। ୪୦ଜଣ କାରିଗର ୩୫ ଦିନରେ ଉକ୍ତ ନେକ୍‌ଲେସ୍‌କୁ ତିଆରି କରିଛନ୍ତି।

**ବଡ଼ ଧୂପକାଠି:** ପୂଜା ସମୟରେ ଧୂପକାଠିର ମହତ୍ୱ ବହୁତ ଥାଏ। ଏହାକୁ ନଜରରେ ରଖି ଗୁଜୁରାଟ, ଭଦୋଦରାର ବିହା ଭରୱାଦ ୧୦୮ ଫୁଟ ଲମ୍ବା , ୩.୫ ଫୁଟ ଓସାର ଓ ୩୬୧୦ କେ.ଜି ଓଜନର ଏକ ଧୂପକାଠି ତିଆରି କରି ରାମ ମନ୍ଦିରକୁ ପ୍ରଦାନ କରିଛନ୍ତି। ଏହାକୁ ତିଆରି କରିବା ଲାଗି ତାଙ୍କୁ ୬ ମାସ ସମୟ ଲାଗିବା ସହ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଏଥିରେ ବ୍ୟବହାର ହୋଇଥିଲା ୧୪୭୦ କି.ଗ୍ରା. ଗୋବର, ୩୭୬ କି.ଗ୍ରା.ର ଗୁଗୁଳ, ୩୭୬ କି.ଗ୍ରା. ନଡିଆ କତା, ୧୯୦ କି.ଗ୍ରା.ର ଘିଅ, ୪୨୦ କି.ଗ୍ରା.ର ବିଭିନ୍ନ ପ୍ରକାରର ଚେରମୂଳୀ ଆଦି। ଏହି ବିରାଟକାୟ ଧୂପକାଠି ଦେଢମାସ ପର୍ଯ୍ୟନ୍ତ ଜଳିବା ସହ ଏହାର ସୁଗନ୍ଧ ଅନେକ କି.ମି. ପର୍ଯ୍ୟନ୍ତ ମହକାଇବ।

**ଜନକପୁରରୁ ୩୦୦୦ ଉପହାର:** ମାତା ସୀତାଙ୍କ ଜନ୍ମସ୍ଥାନଭାବେ ପରିଚିତ ନେପାଳର ଜନକପୁରରୁ ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ପାଇଁ ଆସିଥିଲା ୩୦୦୦ରୁ ଉର୍ଦ୍ଧ୍ୱ ଉପହାର। ଯେଉଁଥିରେ ଥିଲା ଗହଣା, ପୋଷାକ, ରୁପାର ଜୋତା, ମିଠା, ଫଳ, ସୁନାରୁପାର ବାସନକୁସନ ଆଦି। ୫୦୦ କି.ମି. ଯାତ୍ରା କରି ରାମଲାଲାଙ୍କ ଶ୍ୱଶୁର ଘର ତଥା ଜନକପୁରରୁ ୫୦୦ରୁ ଉର୍ଦ୍ଧ୍ୱ ଭକ୍ତ ଏହି ଉପହାର ନେଇ ଆସିଥିଲେ।

**ନିଆରା ଘଣ୍ଟା:** ଲକ୍ଷ୍ନୌର ୫୨ ବର୍ଷୀୟ ପରିବା ବ୍ୟବସାୟୀ ଅନିଲ କୁମାର ସାହୁ ତିଆରି କରିଛନ୍ତି ଏକ ନିଆରା ଘଣ୍ଟା। ଏ ହେଉଛି ଏଭଳି ଏକ ଘଣ୍ଟା ଯେଉଁଥିରେ ଏକା ସମୟରେ ୮ଟି ଭିନ୍ନ ଭିନ୍ନ ଦେଶ ତଥା ଭାରତ, ଟୋକିଓ, ମସ୍କୋ, ଦୁବାଇ, ବେଜିଂ, ସିଙ୍ଗାପୁର, ମେକ୍ସିକୋ, ୱାସିଂଟନ ଡିସି ଏବଂ ନ୍ୟୁୟର୍କର ସମୟ ଦେଖିହେବ। ଏହି ନିଆରା ଘଣ୍ଟାକୁ ସେ ରାମ ମନ୍ଦିରକୁ ଉପହାରସ୍ୱରୂପ ପ୍ରଦାନ କରିଛନ୍ତି।

**ଗୋଲ୍ଡପ୍ଲେଟେଡ ପାଦୁକା:** ମୁଣ୍ଡରେ ଏକ ସୁବର୍ଣ୍ଣଆଚ୍ଛାଦିତ କଠଉକୁ ଧରି ହାଇଦ୍ରାବାଦରୁ ଅଯୋଧ୍ୟା ପ୍ରାୟ ୮୦୦୦ କି.ମି. ପଦଯାତ୍ରା କରି ପହଞ୍ଚିଲେ ଚଲ୍ଲା ଶ୍ରୀନିବାସ ଶାସ୍ତ୍ରୀ । ଅଯୋଧ୍ୟାର ଜଣେ କରସେବକଙ୍କ ପୁତ୍ର ସେ। ପ୍ରଭୁ ଶ୍ରୀ ରାମଙ୍କ ବନବାସ ଯାତ୍ରାର ପଥକୁ ଓଲଟା ଯାତ୍ରା କରି ଅର୍ଥାତ୍ ରାମେଶ୍ୱରମ୍‌ରୁ ଅଯୋଧ୍ୟା ଯାତ୍ରା କରି ସେ ଏହି ସୁବର୍ଣ୍ଣ କଠଉଙ୍କୁ ରାମ ଲାଲାଙ୍କୁ ଉପହାରସ୍ୱରୂପ ପ୍ରଦାନ କରିଥିଲେ।

**ପଞ୍ଚଧାତୁର ବଡ଼ଦୀପ:** ଭଦୋଦରାର ଅରବିନ୍ଦଭାଇ ମଙ୍ଗଲଭାଇ ପଟେଲ ପେସାରେ ଜଣେ କୃଷକ। ତେବେ ସେ ତିଆରି କରିଛନ୍ତି ଏକ ବିରାଟକାୟ ପଞ୍ଚଧାତୁ ତଥା ସୁନା, ରୁପା, କପର୍, ଜିଙ୍କ ଓ ଲୁହାର ମିଶ୍ରଣର ଦୀପ, ଯାହାର ଓଜନ ୧୧୦୦ କି.ଗ୍ରା.। ଏହି ଦୀପକୁ ସେ ଅଯୋଧ୍ୟାର ନବନିର୍ମିତ ରାମ ମନ୍ଦିରକୁ ରାମ ଲାଲାଙ୍କ ପାଇଁ ଉପହାର ଭାବେ ପ୍ରଦାନ କରିଛନ୍ତି।

**୧୨୬୫ କି.ଗ୍ରାର ଲଡ୍ଡୁ:** ହାଇଦ୍ରାବାଦର ଜଣେ ବ୍ୟକ୍ତି ୧୨୬୫ କି.ଗ୍ରା ଓଜନର ଏକ ଲଡ୍ଡୁ ତିଆରି କରି ରାମ ମନ୍ଦିରକୁ ଉପହାରସ୍ୱରୂପ ପ୍ରଦାନ କରିଛନ୍ତି। ତାକୁ ସେ ରେଫ୍ରିଜିରେଟେଡ ଗ୍ଲାସ ବକ୍ସ ଭିତରେ ରଖି ଅଯୋଧ୍ୟା ଆଣିଥିଲେ। ୩୦ ଜଣ ଲୋକ ୨୪ ଘଣ୍ଟାରେ ଏହି ଲଡ୍ଡୁ ତିଆରି କରିଥିଲେ।

**ବଡ଼ ଘଣ୍ଟି:** ଉତ୍ତରପ୍ରଦେଶର ଜଲେଶରରେ ତିଆରି କରାଯାଇଥିବା ଅଷ୍ଟଧାତୁର ଏକ ୨୧୦୦ କି.ଗ୍ରା.ର ବିରାଟକାୟ ଘଣ୍ଟି ମଧ୍ୟ ରାମ ମନ୍ଦିରକୁ ଉପହାରସ୍ୱରୂପ ପ୍ରଦାନ କରାଯାଇଛି।

**ନଗରୁ ବା ମନ୍ଦିର ଡ୍ରମ:** ଦରିୟାପୁରର ଅଲ ଇଣ୍ଡିଆ ଦବଗର ସମାଜ, ଗୋଲ୍ଡ ଫଏଲରେ ୫୬ ଇଞ୍ଚର ଏକ ନଗରୁ ବା ମନ୍ଦିର ଡ୍ରମ ତିଆରି କରି ଅଯୋଧ୍ୟା ରାମ ମନ୍ଦିରକୁ ପ୍ରଦାନ କରିଛନ୍ତି। ଯାହାକୁ କି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନା କରାଯାଇଛି।


**ସିଲ୍କ ବେଡସିଟ୍:** ଅଯୋଧ୍ୟାର ନବନିର୍ମିତ ରାମ ମନ୍ଦିରର କାରିଗରି ହୋଇଥିବା ଏକ ସୁନ୍ଦର ସିଲ୍କ ବେଡସିଟ୍ ପ୍ରଦାନ କରିଛନ୍ତି ତାମିଲନାଡୁର ଜଣେ ସିଲ୍କ ନିର୍ମାତା।


**କେଶର:** କଶ୍ମୀରର କିଛି ମହିଳା ଓ ପୁରୁଷ ଜୈବିକ ପଦ୍ଧତିରେ ଉତ୍ପାଦିତ ୨ କେ.ଜି.ର କେଶର ରାମଲାଲାଙ୍କୁ ଉପହାରସ୍ୱରୂପ ପ୍ରଦାନ କରିଛନ୍ତି।

ଏହାବ୍ୟତିରକେ ଆହୁରି ଅନେକ ଦାମୀ ଉପହାର ମଧ୍ୟ ଭକ୍ତମାନେ ପ୍ରଭୁଙ୍କୁ ପ୍ରଦାନ କରିଛନ୍ତି।











# ପ୍ରଭୁ କୃପା ପାଇଁ ବଞ୍ଚିଛି








"ଯେତେବେଳେ ମା' ଭଗବତୀଙ୍କ ସମ୍ପର୍କରେ ପୁସ୍ତକ ରଚନା ପାଇଁ ମନସ୍ଥ କଲି, ଠିକ୍ ସେହି ସମୟରେ ବହୁଥର ମା' ଭଗବତୀଙ୍କୁ ସ୍ୱପ୍ନରେ ଦେଖିଛି ଏବଂ ନିର୍ଦ୍ଦେଶ ହୋଇଛି କେଉଁ ତଥ୍ୟ କେଉଁଠାରେ ରହିଛି ।"




ଏକାଧାରରେ ସେ ଜଣେ ପ୍ରାବନ୍ଧିକ, ଲେଖକ, ଗବେଷକ, ଐତିହାସିକ ତଥା ଅଧ୍ୟାପକ। ସେ ହେଲେ **ଜନ୍ମେଜୟ ଚୌଧୁରୀ**, ଜନ୍ମ ୧୪।୧।୧୯୬୮ ମସିହାରେ। ମାତା କାମେଶ୍ୱରୀ ଚୌଧୁରୀ, ପିତାଙ୍କ ନାମ ଲକ୍ଷ୍ମୀଧର ଚୌଧୁରୀ। ଘର ଖୋର୍ଦ୍ଧା ଜିଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଗ୍ରାମରେ। ସେ କୁହନ୍ତି, 'ମୋର ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷା ଗାଁ ସ୍କୁଲରେ ହୋଇଥିଲା। ଏହାପରେ ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟରେ ପଢ଼ିଥିଲି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଓ ଡକ୍ଟୋରେଟ ଡିଗ୍ରୀ ଲାଭ କରିଛି। ୧୯୯୪ ମସିହାରୁ ଲେଖାଲେଖିରେ ଅଧିକ ସମୟ ଦେଇଆସିଛି। ପ୍ରକୃତରେ ଏହି ଲେଖିବା ଅଭ୍ୟାସ ମୋର ଗବେଷଣା ସମୟରେ ଆରମ୍ଭ ହୋଇଥିଲା। ଏଥିପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବୀଣା କୁମାରୀ ଶର୍ମାଙ୍କ ପ୍ରେରଣା ମିଳିଥିଲା। ଗବେଷଣା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଥିବା ଏକାଧିକ ପାଠାଗାର ଏବଂ କେତେକ ଅଭିଲେଖାଗାର ଓ ମ୍ୟୁଜିୟମକୁ ଯାଇଛି। ସେଠାରୁ ଅନେକ ତଥ୍ୟ ସଂଗ୍ରହ କରିବାର ସୁଯୋଗ ମିଳିଛି। ଏବେ ବି ମୋ ମନେ ଅଛି କେଉଁଠାରେ କେଉଁ ତଥ୍ୟ ମିଳିବ। କୌଣସି ଗବେଷଣାତ୍ମକ ପ୍ରବନ୍ଧ ଲେଖିଲାବେଳେ ସେହି କଥା ମନେପଡ଼େ। କିନ୍ତୁ ମୋର ଗୋଟେ ଅନୁଭବର କଥା ହେଲା କୌଣସି ପ୍ରବନ୍ଧ ବା ଗ୍ରନ୍ଥ ଲେଖିବା ପୂର୍ବରୁ ଏକ ଆଧ୍ୟାତ୍ମିକ ନିର୍ଦ୍ଦେଶ ମୋତେ ଆସିଥାଏ। ଯେତେ ବାଧାବିଘ୍ନ ଥିଲେ ମଧ୍ୟ ସତେଯେମିତି କିଏ ମୋତେ ପଛରୁ ଠେଲି ପକାଉଥାଏ। ଯେମିତିହେଉ ସେହି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥାଏ। ଉଦାହରଣ ସ୍ୱରୂପ ଯେତେବେଳେ ମା' ଭଗବତୀଙ୍କ ସମ୍ପର୍କରେ ପୁସ୍ତକ ରଚନା ପାଇଁ ମନସ୍ଥ କଲି, ଠିକ୍ ସେହି ସମୟରେ ବହୁଥର ମା' ଭଗବତୀଙ୍କୁ ସ୍ୱପ୍ନରେ ଦେଖିଛି ଏବଂ ନିର୍ଦ୍ଦେଶ ହୋଇଛି କେଉଁ ତଥ୍ୟ କେଉଁଠାରେ ରହିଛି। ଘରେ ବିଭିନ୍ନ ପ୍ରକାର ପୁସ୍ତକ ସାଇତି ରଖିବାରେ ମୋର ରୁଚି ରହିଛି। ପୁସ୍ତକଟି ଲେଖିବା ଆରମ୍ଭ କରିଲେ ପ୍ରକାଶନ ପର୍ଯ୍ୟନ୍ତ କେମିତି କାମ ହେଇଯାଏ ଜଣାପଡ଼େନି। ମୋର ରଚିତ ଏକାଧିକ ପୁସ୍ତକର ପ୍ରବନ୍ଧକୁ ପାଠକରି ବହୁ ପାଠକପାଠିକା, ଗବେଷକ, ଛାତ୍ରୀଛାତ୍ର ମୋଠାରୁ ତଥ୍ୟ ନେଇଥାନ୍ତି। ଯାହା ମୋତେ ବେଶ ଭଲ ଲାଗିଥାଏ। ଏବେ ମୁଁ କାଇପଦର କଲେଜରେ ଏମ୍‌ଏରେ ଅଧ୍ୟାପନା କରୁଛି। ମୋ ଲେଖା କଲେଜ ସିଲାବସ୍‌ରେ ବି ସାମିଲ ହୋଇଛି। ମୋ ରଚିତ ପୁସ୍ତକ ମଧ୍ୟରେ–




ସତ୍ୟପୀର ଶ୍ରୀ ବୁଖାରୀବାବା, ବୀରଶ୍ରେଷ୍ଠ ବକ୍ସି ଜଗବନ୍ଧୁ, ସ୍ୱାଧୀନ ଭାରତର ପ୍ରଥମ କଶ୍ମୀର ଯୁଦ୍ଧ, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ, କଳିଙ୍ଗବୈଶ୍ୟ ଜାତିର ଉତ୍ପତ୍ତି ଓ କୀର୍ତ୍ତି, A focus on Jagannath culture ଓ the shrine of Bokhari Baba, ଭାରତ ଇତିହାସ, ପୃଥିବୀ ଇତିହାସ, World history, ମହାଦେବୀ ଉଗ୍ରତାରା, ପ୍ରାଚୀନ ବିଶ୍ୱର ସମାଜ ବ୍ୟବସ୍ଥା ଓ ସାଂସ୍କୃତିକ ରୂପରେଖ, ମହାଶକ୍ତି ମା ଭଗବତୀ ଆଦି ଏକାଧିକ ପୁସ୍ତକ ପ୍ରକାଶିତ ହୋଇଛି। ଏହାଛଡ଼ା ପ୍ରତ୍ୟେକ ବର୍ଷ ମୁଁ ଇତିହାସ କଂଗ୍ରେସରେ ଯୋଗ ଦେଇଥାଏ। ଦକ୍ଷିଣଭାରତ ଇତିହାସ କଂଗ୍ରେସ, ଭାରତୀୟ ଇତିହାସ କଂଗ୍ରେସ, ଭାରତୀୟ ଇତିହାସ ସଂକଳନ ସମିତି, ସର୍ବଭାରତୀୟ ଯୁବ ଐତିହାସିକ ସମ୍ମିଳନୀ, ବହୁ ଜାତୀୟ ଇତିହାସ ଆଲୋଚନାରେ ଯୋଗଦେଇଛି।'

ଜନ୍ମେଜୟଙ୍କୁ ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ଏକାମ୍ର ସମ୍ମାନ, ଶିକ୍ଷକଶ୍ରୀ ସମ୍ମାନ, ତତ୍ତ୍ୱଦର୍ଶୀ ପ୍ରାବନ୍ଧିକ ସମ୍ମାନ, ସଂସ୍କୃତିପ୍ରାଣ ସମ୍ମାନ, ନୀଳାଦ୍ରି ଟ୍ରଷ୍ଟ ସଂସ୍ଥାନ, ଦାସ ଫାଉଣ୍ଡେଶନ ଆମେରିକା ଆଦି ବିଭିନ୍ନ ଅନୁଷ୍ଠାନରୁ ଏକାଧିକ ପୁରସ୍କାର ଓ ସମ୍ମାନ ମିଳିଛି। ଏହାସହ ସେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପୁରୀ, ଶ୍ରୀଲୀଳାକ୍ଷେତ୍ର ବିକାଶ ପରିଷଦ, ପୁରୀ ଆଦି ସହ ଜଡ଼ିତ। ଶ୍ରୀଲୀଳାକ୍ଷେତ୍ର ସମାଚାର ସମ୍ପାଦକ ଭାବେ ମଧ କାର୍ଯ୍ୟଭାର ସମ୍ଭାଳୁଛନ୍ତି। ସେ କୁହନ୍ତି, 'ଜଗନ୍ନାଥଙ୍କ ଦର୍ଶନ ପାଇଁ ମୋ ମନ ସଦା ବ୍ୟାକୁଳ ଥାଏ। ତେଣୁ ବହୁଥର ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପ୍ରତିବର୍ଷ ପୁରୀ ଯାଇଥାଏ। ମାତ୍ର ଗୋଟିଏ ବର୍ଷ ଗୁଣ୍ଡିଚାକୁ ଯାଇ ନ ପାରି ଘରେ ଟିଭିରେ ଦେଖୁଥାଏ। ସନ୍ଧ୍ୟା ପରେ ସିଧା ପ୍ରସାରଣ ବନ୍ଦ ହୋଇଗଲା । ମୋତେ ନିଦ ଆସିଯାଇଥାଏ, ସ୍ୱପ୍ନରେ ଦେଖୁଛି ମୁଁ ରଥଦଉଡ଼ି ଭିଡ଼ିବା ସହିତ ପାଖରେ ପତ୍ନୀଙ୍କୁ ମଧ୍ୟ ଡାକୁଥାଏ। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସୁଯୋଗ ପାଇ ୨୦୦୫ରେ ଗଜପତି ଦିବ୍ୟସିଂହ ଦେବଙ୍କ ସହିତ ସାକ୍ଷାତ୍‌କାର ନେଇଥିଲି, ଯାହା ଉତ୍କଳ ପ୍ରସଙ୍ଗରେ ପ୍ରକାଶିତ ହୋଇଥିଲା। ତାହା ମୋ ପାଇଁ ଏକ ବହୁତ ଖୁସିର କଥା ଥିଲା। ତେବେ ପତ୍ନୀଙ୍କ ଅକାଳ ବିୟୋଗ ଏବଂ ଏକମାତ୍ର ସନ୍ତାନ ଦିବ୍ୟାଙ୍ଗ ହୋଇଥିବାରୁ ଯେବେ ବି ମନକଷ୍ଟ ଲାଗେ ମହାପ୍ରଭୁଙ୍କୁ ସ୍ମରଣ କରିଛି । ଆଉ ମୋ ମନକୁ ଶାନ୍ତି ମିଳିଛି। କହିବାକୁଗଲେ ପ୍ରଭୁ କୃପା ପାଇଁ ମୁଁ ବଞ୍ଚିଛି।

–ବନବିହାରୀ







## କବିତା

–ଡ.ନିର୍ମଳ ଚନ୍ଦ୍ର ଶୂରଦେଓ

**ଶ**ବ୍ଦମାନେ ମୋ ଚାରିପଟେ ।
ସେମାନଙ୍କୁ ଡାକିଲେ
ଧରା ଦେଉନାହାନ୍ତି ସହଜରେ ।
ଅନେକ ଅନେକ ଅନୁରୋଧ ପରେ
ପାଖକୁ ଆସିଲେ
ମୁଁ ସେମାନଙ୍କୁ ସଜେଇ ରଖିଲି
ମୋ ମାଗିବା ପଣରେ ।

ସଜେଇଲି
ସେମାନଙ୍କୁ ପଢିଲି
ଏବଂ ପାଇଲି
ମୋ ଜୀବନକୁ, ସମାଜର ଚିତ୍ରକୁ

ଓ ହଜିହଜି ଯାଉଥିବା
ଅତୀତକୁ ।
ତେବେ–
ଇଏ କ'ଣ କବିତା !
ଯାହାର ଶବ୍ଦମାନେ
ବଖାଣି ବସନ୍ତି ଆମ ଆଗେ
ସମୟର ଜୀବନର କଥା ।

ଆମେ ପୁଣି ସତେଜ ଦେଖାଯାଉ
ଏ କବିତାର ସ୍ୱର୍ଗରେ
ଏ ଶବ୍ଦ ସମୂହର
ଯାଦୁକରୀ ସ୍ପର୍ଶରେ ।

– ନୟାଗଡ଼
ମୋ: ୯୯୩୮୩୦୯୬୫୨

# ରାଜଧାନୀ : ଦୁଇଟି ସ୍କେଚ୍

– ରୋଜାଲିନି ମିଶ୍ର

–୧–

**ରୂ**ପାଳି ଛକ ପାଖରେ ଗୋଟେ ନିଉଜ ଚ୍ୟାନେଲର ସର୍ଭେ ଚାଲିଥିଲା ରାଜଧାନୀର ସୌନ୍ଦର୍ଯ୍ୟକରଣ ଉପରେ । ହଠାତ୍ ମିଡିଆ ବାଲା ଘେରିଗଲେ ଜଣେ ମଉସାଙ୍କୁ ।
– ମଉସା ... ଆପଣ କ'ଣ ଏଠି ନୂଆ ?
– ନା , ଏଠି ରହିବା ମୁଁ ତିରିଶ ବର୍ଷ ହେଲାଣି ?
– ଆପଣ ସେତେବେଳେ ବି ଏ ଭୁବନେଶ୍ୱରକୁ ଦେଖିଥିଲେ ଆଉ ଏବେ ବି ଦେଖୁଛନ୍ତି । ଏବେ ସହରକୁ ସ୍ୱଚ୍ଛ, ସତେଜ, ସୁନ୍ଦର କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି । ସହରର ଏ ସୌନ୍ଦର୍ଯ୍ୟକରଣ ବିଷୟରେ କିଛି କହିବେ ?
– ହଁ ଦେଖୁଛି ସବୁ । ପରିଷ୍କାର ପରିଚ୍ଛନ୍ନ ରାସ୍ତାଘାଟ ଦେଖୁଛି , କାନ୍ଥବାଡ଼ରେ ହାତଅଙ୍କା ଚିତ୍ର ସବୁ ଦେଖୁଛି, ହାତ ପାହାନ୍ତାରେ ଦୋକାନ ବଜାର, ମଲ୍ ସବୁ ଦେଖୁଛି, ଭେଣ୍ଡିଂଜୋନ ଦେଖୁଛି, ''ମୋ ବସ୍''ର ସୁବିଧା ସହ ଆହୁରି କେତେ କ'ଣ ବି ଦେଖୁଛି... ଆମ ପିଲାବେଳର ଭୁବନେଶ୍ୱର ଆଉ ନାହିଁ । ସୌନ୍ଦର୍ଯ୍ୟକରଣ ନାଁରେ ଖୁବ ସଜେଇଛନ୍ତି ସରକାର ରାଜଧାନୀକୁ । କିନ୍ତୁ ଏ ସବୁ ଭିତରେ ଏଇଟା ବି ଜଳଜଳ ଦିଶୁଛି ଯେ ରାଜଧାନୀର ସୌନ୍ଦର୍ଯ୍ୟ ଆଜି ଡହଳବିକଳ ହେଉଛି ଡହଡହ ଖରାରେ ଛାଇ ଟିକେ ବିନା । ରୁନ୍ଧି ହୋଇ ଅଣନିଃଶାସୀ ହୋଇ ଯାଉଛି ଦୂଷିତ ବାୟୁମଣ୍ଡଳର ବଳୟ ଭିତରେ । ଛଟପଟ ହେଉଛି ବିଶୁଦ୍ଧ ଅମ୍ଳଜାନ ଟିକେ ପାଇଁ । ଏ ଟାଙ୍ଗରା ଭୂଇଁ ଉପରେ ଠିଆ ହୋଇ ସେ ବିକଳ ହୋଇ ଖୋଜୁଛି ଗଛପତ୍ରର ସବୁଜିମାକୁ । କିନ୍ତୁ ହାୟ !! ସବୁଜିମା ତ ଏବେ ଆଉ ରାଜଧାନୀର ରାଜରାସ୍ତା କଡରେ ନାହିଁ , ଅଛି ଲୋକଙ୍କ ବାଲକୋନି ନହେଲେ ଛାତ ଉପରର କୁଣ୍ଡରେ ....ସେ ପୁଣି କେବଳ କେବଳ ନାମକୁ ମାତ୍ର ।

– ୨ –

ଏଇ ଗଲା ବର୍ଷ ହିଁ ନିଳିମା ଆସିଥିଲେ ଭୁବନେଶ୍ୱର । ସ୍ୱାମୀଙ୍କ ସହ କଳି ତକରାଳ କରି ରାଜଧାନୀରେ ଛୋଟିଆ ଘରଟିଏ ଭଡା ନେଇ ଆସି ରହିଥିଲେ । ଗାଁର ପ୍ରାସାଦ ସମ ଦୋମହଲା ଘରର ମାୟା ତାଙ୍କୁ ବାନ୍ଧି ପାରି ନଥିଲା । ଓଲଟା ଯୁକ୍ତି କରିଥିଲେ ଯେ, ''ଯାହା ହେଲେ ଟାଉନ ଟାଉନ ନା .. ସେ ପୁଣି ଭୁବନେଶ୍ୱର । ତା'ର ପାଣି ପବନ ସବୁ ଅଲଗା । ତୁମେ ଏ ଗାଁ ଘରେ ଯେତେ ହୀରାନିଳା ଖଞ୍ଜିଲେ ବି ଏଇଟା କ'ଣ ସହର ହୋଇଯିବ ନା କ'ଣ ? ମୁଁ ଆଉ ଗାଁ ଘରେ ରହି ପଚିସଢ଼ି ପାରିବିନି । ତୁରନ୍ତ କିଛି ବ୍ୟବସ୍ଥା କର'' ।

ଏବେ ନିଳିମା ଗାଁ ଛାଡି ଭୁବନେଶ୍ୱରରେ । ଭଡା ନେଇଥିବା ଘରଟି ହେଉ ପଛେ ତଳିଆ ଅଞ୍ଚଳରେ ପୁଣି ତଳ ମହଲାରେ ସେ କିନ୍ତୁ ଭାରି ଖୁସି ଯେ ସେ ଏବେ ରାଜଧାନୀ ବାସିନ୍ଦା ।

ପାଞ୍ଚଦିନ ହେଲାଣି ଲଗାଣ ବର୍ଷା । ରାସ୍ତା କଡର ଡ୍ରେନ ପାଣି, ପାଇଖାନାର ମଇଳା ପାଣି ଆଉ ଘରର ନିତ୍ୟ ବ୍ୟବହାର୍ଯ୍ୟ ପାଣି, ସବୁ ବର୍ତ୍ତମାନ ଏକାକାର । ବାଲ୍ଟି ଖଣ୍ଡେ ଧରି ଘର ଭିତରୁ ମଇଳା ପାଣି କାଢୁ କାଢୁ ନିଳିମା ଭାବୁଥିଲେ .... କେଉଁ ଉପାୟରେ ସେ ବର୍ତ୍ତମାନ ତାଙ୍କ ସ୍ୱାମୀଙ୍କୁ ମନେଇ କହିବେ ଯେ, ''ହେଇଟି ... ଚାଲ ଆମେ ଗାଁକୁ ଫେରିଯିବା । ମୁଁ ଆଉ ଏ ଅସନା ଭିତରେ ରହି ପଚିସଢ଼ି ପାରିବିନି '' ।

– ଭି ଏସ୍ ଏସ୍ ନଗର,
ମୋ: ୮୮୯୫୩୨୬୪୩୪







ସୋନମ

# ରହସ୍ୟ ଖୋଲିଲେ ସୋନମ

ସୋନମ କପୁର ନିକଟରେ ଏକ କଥା ଉପରୁ ରହସ୍ୟ ଖୋଲିଛନ୍ତି। ଇତି ମଧ୍ୟରେ ସେ ତାଙ୍କର ଓଜନ ପାଖାପାଖି ୨୦ କି.ଗ୍ରା କମାଇବାରେ ସକ୍ଷମ ହୋଇଛନ୍ତି। ଆଉ ସେ ଏହି କାମକୁ ଅଳ୍ପ ଦିନ ମଧ୍ୟରେ ସମ୍ଭବ କରି ଦେଖାଇଛନ୍ତି। ତେବେ ସେ କିପରି ନିଜର ଓଜନ ମିଶନରେ ସକ୍‌ସେସ୍ ହେଲେ ଏ ନେଇ ସୋନମ କହନ୍ତି, 'ମୋର ଓଜନ ଟିକେ ବଢ଼ିଯାଇଥିଲା। ତେଣୁ ଏହାକୁ କିପରି କମାଇବି ସେ ନେଇ ଟେନସନରେ ଥିଲି। ଯାହାହେଉ ନିୟମିତ ଯୋଗ ଏବଂ ଏକ୍ସରସାଇଜ କରିବା ଦ୍ୱାରା ମାତ୍ର ଦିନ କେଇଟା ଭିତରେ ନିଜ ଓଜନକୁ ନିୟନ୍ତ୍ରଣକୁ ଆଣିପାରିଲି। ଏହାପଛରେ ଆଉ କିଛି ନୂଆ କଥା ନାହିଁ। ତା'ସହ ଡାଏଟିଂ ତ ଚାଲୁ ରହିଛି।' ସୋନମଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୭ରୁ ଆଉ ଫିଲ୍ମଟି ଥିଲା ସଞ୍ଜୟ ଲୀଲା ଭଁସାଲିଙ୍କ 'ସାୱରିୟା'। ତା'ପରେ ତାଙ୍କୁ 'ଆୟଶା', 'ଥ୍ୟାଙ୍କ ୟୁ', 'ଭାଗ୍ ମିଲଖା ଭାଗ୍', 'ଖୁବସୁରତ', 'ପ୍ରେମ ରତନ ଧନ ପାୟୋ', 'ସଞ୍ଜୁ' ଆଦି ସିନେମାରେ ଅଭିନୟ କରିସାରିଛନ୍ତି। ତାଙ୍କ ଅଭିନୀତ ଶେଷ ସିନେମା 'ବ୍ଲାଇଣ୍ଡ' ଗତ ବର୍ଷ ଜୁଲାଇ ୭ରେ ରିଲିଜ ହୋଇଥିଲା।

# ଚଟକଣା ମାରିବା ପରେ...

ଗତ ବର୍ଷ ଡିସେମ୍ବର ୧ରେ ପରଦା ଉପରକୁ ଆସିଥିଲା 'ଆନିମଲ'। ଏହାର ବିଭିନ୍ନ ଭୂମିକାରେ ରଣବୀର କପୁର, ରଶ୍ମିକା ମନ୍ଦାନା, ବବି ଦେଓଲ ଏବଂ ଅନୀଲ କପୁର ପ୍ରମୁଖ କଳାକାର ଅଭିନୟ କରିଥିଲେ। ହେଲେ ଏହାର ଶୁଟିଂ ସମୟରେ ଏଭଳି ଏକ ଘଟଣା ଘଟିଥିଲା ଯାହାକୁ ନେଇ ଏବେ ବି ରଶ୍ମିକା ଅନୁତାପ କରୁଛନ୍ତି। ସେ କହନ୍ତି, 'ଏଥିରେ ମୋ ସ୍ୱାମୀ ଭୂମିକାରେ ରଣବୀର ଅଭିନୟ କରିଥିଲେ। ଏକଦା ତାଙ୍କୁ ଏକ ଚଟକଣା ମାରିବାର ଥିଲା। କିନ୍ତୁ ୪-୫ ଥର ପ୍ରାକ୍ଟିସ କରିବା ପରେ ଯେତେବେଳେ କ୍ୟାମେରା ରୋଲ୍ ହେଲା ସେତେବେଳେ ଚଟକଣା ମାରୁ ମାରୁ ଜୋର୍‌ରେ ତାଙ୍କ ଗାଲରେ ବାଜିଯାଇଥିଲା। ଏଭଳି ଘଟଣା ଘଟିବା ପରେ ମୁଁ ନର୍ଭସ ହୋଇଯାଇଥିଲି। ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଭାଙ୍ଗା ସାଙ୍ଗେ ସାଙ୍ଗେ କଟ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶଟ୍ ସିନା ଓକେ ହୋଇଥିଲା, କିନ୍ତୁ ମତେ ଭାରି ଖରାପ ଲାଗିଥିଲା। ତା'ପରେ ରଣବୀର ନିଜେ ଆସି ଘଟଣାକୁ ସିରିୟସଲି ନ ନେବାକୁ ମତେ କହିଥିଲେ। ହେଲେ ମୋର ମନ ବୁଝି ନ ଥିଲା। ପ୍ରାୟ ଘଣ୍ଟାଏ ପରେ ମୁଁ ସାଧାରଣ ଅବସ୍ଥାକୁ ଆସିବା ପରେ ପୁଣି ଥରେ ଶୁଟିଂ ଆରମ୍ଭ ହୋଇଥିଲା। ଏହି ଘଟଣାକୁ ମୁଁ ସାରା ଜୀବନ ଭୁଲି ପାରିବି ନାହିଁ।' ଏହି ଫିଲ୍ମଟିର ବଜେଟ୍ ଥିଲା ୧୦୦କୋଟି। କିନ୍ତୁ ବକ୍ସ ଅଫିସରେ ଏହା ପାଖାପାଖି ୮୦୦ କୋଟି ବିଜ୍‌ନେସ କରିଥିଲା।



ରଶ୍ମିକା

# ଅନନ୍ୟାଙ୍କ ଖୁସି


ଅନନ୍ୟା ପାଣ୍ଡେ ଆଜିକାଲି ବହୁତ ଖୁସି। କାରଣ ସେ ଯାହା ସହ ଅଭିନୟ କରିବାକୁ କେବେଠୁ ଆଶା ରଖିଥିଲେ ତାହା ପୂରଣ ହୋଇଛି। କଥା କ'ଣ କି ବଲିଉଡ୍‌ର ଖିଲାଡି ମାଷ୍ଟର ଭାବରେ ପରିଚିତ ଅକ୍ଷୟ କୁମାର ଏବଂ ଅନନ୍ୟାଙ୍କୁ ନେଇ ଏବେ ନିର୍ମିତ ହେଉଛି ନୂଆ ହିନ୍ଦୀ ସିନେମା 'ଶଙ୍କରା'। ଏହାର ନନ୍ ଷ୍ଟପ୍ ଶୁଟିଂ ଏବେ ଭାରତର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଏହି ସିନେମା ବିଷୟରେ ଅନନ୍ୟା କହନ୍ତି, 'ଯେତେବେଳେ ମୁଁ ଜାଣିଲି ଯେ ଏହି ଫିଲ୍ମରେ ମୋ ଅପୋଜିଟ୍‌ରେ ଅକ୍ଷୟ କୁମାର ଅଛନ୍ତି ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରି ନ ଥିଲି। ନିଜର ସନ୍ଦେହ ଦୂର କରିବାକୁ ମୁଁ ପ୍ରଯୋଜକଙ୍କୁ ଆଉ ଥରେ 'ନାୟକ କିଏ' ବୋଲି ପଚାରିଲି। ସେ ପୁଣି ଥରେ ଅକ୍ଷୟ କୁମାର ବୋଲି କହିବା ପରେ ମୁଁ ଏତେ ଖୁସି ହୋଇଯାଇଥିଲି ଯେ ତାହା ବର୍ଣ୍ଣନା କରିପାରିବି ନାହିଁ। କାରଣ ଅକ୍ଷୟଙ୍କ ଭଳି ଅଭିଜ୍ଞ ଅଭିନେତାଙ୍କ ସହ ଅଭିନୟ କରିବା ଭାଗ୍ୟର କଥା। ତେଣୁ ଅଫର୍ ବିଷୟରେ ଅଧିକ ଆଲୋଚନା ନ କରି ମୁଁ ରାଜି ହୋଇଯାଇଥିଲି। ଏଥିରେ ମୋତେ ଏକ ରୋମାଣ୍ଟିକ ଭୂମିକା ମିଳିଛି। ଆଶା ରଖିଛି ଏହି ଫିଲ୍ମକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ।' ଫିଲ୍ମଟିର ପ୍ରଯୋଜନା କରିଛନ୍ତି ବଲିଉଡ୍‌ର ଅନ୍ୟତମ ପ୍ରଯୋଜକ କରନ୍ ଜୋହର। ନିର୍ଦ୍ଦେଶନା ଦେଉଛନ୍ତି କରନ୍ ସିଂ ତ୍ୟାଗୀ। ଏହି ଫିଲ୍ମରେ ଅକ୍ଷୟ କୁମାର, ଅନନ୍ୟା ପାଣ୍ଡେଙ୍କ ବ୍ୟତୀତ ଦକ୍ଷିଣ ଭାରତୀୟ ସିନେମାର ଲୋକପ୍ରିୟ ଅଭିନେତା ଆର. ମାଧବନ୍ ମଧ୍ୟ ଅଭିନୟ କରିଛନ୍ତି।



ଅନନ୍ୟା

# ବ୍ୟସ୍ତ ଅଛନ୍ତି ଆମୀର

କିଛି ମାସର ଗ୍ୟାପ୍ ପରେ ପୁଣି ଥରେ ଆମୀର ଖାଁ ଶୁଟିଂ ମଇଦାନକୁ ଓହ୍ଲାଇଛନ୍ତି। ଏବେ ତାଙ୍କ ହାତରେ ପଛକୁ ପଛ କେତୋଟି ସିନେମା ରହିଛି। ବର୍ତ୍ତମାନ ସେ ଆର.ଆର.ପ୍ରସନ୍ନାଙ୍କ ଆଗାମୀ ଫିଲ୍ମ 'ଚାମ୍ପିୟନ'ରେ ଅଭିନୟ କରୁଛନ୍ତି। ଏହାର ଶୁଟିଂ ନୂଆଦିଲ୍ଲୀରେ ଚାଲୁ ରହିଛି। ଏଥିରେ ଆମୀର ଜଣେ ମେଣ୍ଟର ଭୂମିକାରେ ଦେଖାଦେବେ। ଗତ ବର୍ଷ ତାଙ୍କର ମା' ଅସୁସ୍ଥ ରହିବାକୁ ସେ ସିନେମାଠାରୁ ଦୂରେଇ ଯାଇଥିଲେ ଏବଂ ଚେନ୍ନାଇରେ ରହୁଥିଲେ। ହେଲେ ଏବେ ପୁଣି ଥରେ ଆମୀର କାମ ଆରମ୍ଭ କରିଛନ୍ତି। ଏହାବ୍ୟତୀତ ସେ ଆଉ ଏକ ସିନେମା 'ସୀତାରେଁ ଜମିନ୍ ପର' ନିର୍ମାଣ କରୁଛନ୍ତି। 'ତାରେଁ ଜମିନ ପର୍'ରେ ଦର୍ଶକ କାନ୍ଦିଥିଲେ, ହେଲେ ଏହି ଫିଲ୍ମରେ ଦର୍ଶକ ହସର ଖୋରାକ ପାଇବେ। ଏହାବାଦ ଆମୀର ଖାଁ ପ୍ରଡକ୍ସନ ହାଉସ୍‌ରେ ପ୍ରସ୍ତୁତ ହେଉଛି 'ଲାହୋର ୧୯୪୭' ନାମକ ଚଳଚ୍ଚିତ୍ର। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିବେ ସନ୍ନି ଦେଓଲ ଆଉ ନିର୍ଦ୍ଦେଶନା ଦେବେ ରାଜ କୁମାର ସନ୍ତୋଷୀ। ତେବେ ଆମୀର ଖାଁ-ରାଜ କୁମାର ସନ୍ତୋଷୀ ଏବଂ ସନ୍ନି ଦେଓଲଙ୍କ ଯୋଡି ଦର୍ଶକଙ୍କୁ କେତେ ଏଣ୍ଟରଟେନ୍ କରୁଛି ତାହା ଦେଖିବାକୁ ବାକି ରହିଲା।



ଆମୀର

# ଏବେ ଦବଙ୍ଗ ପୋଲିସ୍

ଦୀପିକା ପାଦୁକୋନ୍ ଯେଉଁଭଳି ଭୂମିକାଟିଏ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। କଥା କ'ଣ କି ରୋହିତ ସେଟ୍ଟିଙ୍କ ଆଗାମୀ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଏଥିରେ ନିଜ ଭୂମିକାକୁ ନେଇ ଦୀପିକା ବେଶ୍ ଖୁସି ଅଛନ୍ତି। କାରଣ ଏଥିରେ ସେ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରିବେ। ଏ ନେଇ ଦୀପିକା କହନ୍ତି, 'ରୋହିତ ନିଜ ଫିଲ୍ମରେ ଯେ ମୋତେ ଏଭଳି ଏକ ଭୂମିକାଟିଏ ଦେବେ ତାହା ମୁଁ ବିଶ୍ୱାସ କରିପାରୁନି। ଏହାର କାହାଣୀ ଆକ୍ସନଭିତ୍ତିକ ଏବଂ ଏଥିରେ ମୁଁ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରିବି। ଜଣେ ସଚ୍ଚୋଟ ପୋଲିସ ଅଫିସର କିପରି ଅନ୍ୟାୟ, ଦୁର୍ନୀତି ବିରୁଦ୍ଧରେ ଲଢୁଛି ତାହା ଏଥିରେ ଦେଖିବାକୁ ମିଳିବ। ଏଭଳି ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିବି।' ଉକ୍ତ ସିନେମାର ଟାଇଟଲ ରହିଛି 'ସିଙ୍ଗମ ଏଗେନ୍'। ରୋହିତ ଯେତେବେଳେ ଏହି ଭୂମିକା ପାଇଁ ଚିନ୍ତା କଲେ ସେତେବେଳେ ହଠାତ୍ ତାଙ୍କ ମନକୁ ଦୀପିକାଙ୍କ କଥା ମନକୁ ଆସିଥିଲା। ତା'ପରେ ବିଳମ୍ବ ନ କରି ସେ ଦୀପିକାଙ୍କ ସହ ଯୋଗାଯାଗ କରିଥିଲେ ଏବଂ ଏହି ଫିଲ୍ମରେ ଅଭିନୟ କରିବାକୁ ସବୁଜ ସଙ୍କେତ ଦେଖାଇଥିଲେ ଦୀପିକା।



ଦୀପିକା

# ମୋ କାହାଣୀରେ ତୋରି ନାଁ

ତିତଲି ପ୍ରଡକ୍ସନ ଏବଂ ଏଲଟି ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଓଡ଼ିଆ ସିନେମା 'ମୋ କାହାଣୀରେ ତୋରି ନାଁ' ଆସନ୍ତା ମାସ ୯ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଚିତ୍ରଟି ୨୦୨୪ର ପ୍ରଥମ ସିନେମା ଭାବରେ ପରଦା ଉପରକୁ ଆସିବାର ଥିଲା। ହେଲେ କିଛି ସମସ୍ୟା ଲାଗି ବିଳମ୍ବ ହେଲା। ଏହାର ନିର୍ଦ୍ଦେଶକ ତଥା ଆଗଧାଡିର କୋରିଓଗ୍ରାଫର ଯୋଡି ଲୁବୁନ୍-ତୁବୁନ୍ କୁହନ୍ତି, ''ଆମ ମା'ଙ୍କର ହଠାତ୍ ପରଲୋକ ହେତୁ ରିଲିଜ ଡେଟ୍‌କୁ ଘୁଞ୍ଚାଇବାକୁ ପଡିଥିଲା। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ଚିତ୍ରଟି ପ୍ରସ୍ତୁତ ହୋଇଛି। ଫିଲ୍ମଟି ଦର୍ଶକଙ୍କ ଦ୍ୱାରା ଗ୍ରହଣୀୟ ହେବ ବୋଲି ଆଶା ରଖିଛୁ।'' ଏହାର ଚିତ୍ରନାଟ୍ୟ ରଚନା କରିବା ସହ ଲୁବୁନ୍ ଚିତ୍ରଟିର ନାୟକ ମଧ୍ୟ ସାଜିଛନ୍ତି। ଏଥିରେ ତାଙ୍କର ନାୟିକା ଭୂମିକାରେ ଅଭନୟ କରିଛନ୍ତି ଅଙ୍କିତା ଦାଶ। ଫିଲ୍ମଟିର ସହ-ପ୍ରଯୋଜନା କରିଛନ୍ତି ତିତଲି ମହାନ୍ତି ଏବଂ ଦେବାଶିଷ ମହାନ୍ତି। ଏହାର ପ୍ରଯୋଜନା କରିବା ସହ କାହାଣୀ ରଚନା କରିଛନ୍ତି ପ୍ରୀତିଶ ମହାନ୍ତି। ସଂଳାପ ଲେଖିଛନ୍ତି ସଞ୍ଜୟ ମହାକୁଳ। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଚଳଚ୍ଚିତ୍ରର ଗୀତଗୁଡିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦିପ୍ତୀରେଖା ପାଢ଼ୀ, ଅର୍ପିତା ଚୌଧୁରୀ, ତାରିକ ଅଜିଜ, କ୍ରିଷ୍ଣା ବେଉରା ଏବଂ ଅଭିଜିତ ମଜୁମଦାର। ଏହାର ଅନ୍ୟାନ୍ୟ ଭୂମିକାରେ ପିଣ୍ଟୁ ନନ୍ଦ, ପ୍ରିୟଙ୍କା ମହାପାତ୍ର, ସରୋଜ ଦାସ, ଧାରା ଶ୍ରାବଣୀ, ଗୁଣ୍ଟୁ, କାଳିଆ ପ୍ରମୁଖ ଅଭିନୟ କରିଛନ୍ତି।



ଅଙ୍କିତା

# ସିଆଣି ରାଧିକା ଭାରି ଚାତୁରୀ, ଚାହାଣିରେ କଲା ମନକୁ ଚୋରି

**ପ୍ରଶ୍ନ**–ସେହି ସୁନ୍ଦରୀର ପ୍ରଥମ ଇସାରାରେ ମୋ ମନ ଚୋରି ହୋଇଯାଇଥିଲା। ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି। ତାକୁ କେମିତି ଶାନ୍ତ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାନ୍ତୁ ?

*–ବିବେକ ସାହୁ, କଟକ*

**ଉତ୍ତର:** ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା। ବେଳେବେଳେ ଏହି ଅଭିମାନରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। ହେଲେ ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। ପ୍ରିୟାର ଅଭିମାନ ଭସା ବାଦଲ ପରି। ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗୀନ ଆଲୋକରେ ମନରେ ଅସୁମାରୀ ଖୁସିର ଲହରି ଖେଳାଇ ଦିଏ। 'ସିଆଣି ରାଧିକା ଭାରି ଚାତୁରୀ, ଚାହାଣିରେ କଲା ମନକୁ ଚୋରି।' ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ ହୁଅନ୍ତୁ ନାହିଁ। ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ। ହୁଏତ ଏହି ଅଭିମାନ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ସେତେବେଳେ ଜଣେ ଝିଅ ମୋତେ ଏକତରଫା ପ୍ରେମ କରୁଥିଲା। ଆଉ ଏବେ ବାହା ହେବା ପରେ ପୁଣି ଥରେ ସେ ଝିଅ ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି। ମୁଁ କ'ଣ କରିବି କିଛି ଜାଣିପାରୁନାହିଁ ?

*–ତପନ ବହିଦାର, ରେଢ଼ାଖୋଲ*

**ଉତ୍ତର:** ବାହା ହେବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୁରାଇବା ଅର୍ଥ ଅଯଥା ଟେନସନ୍‌କୁ ହାତ ଠାରି ଡାକିବା। ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକସେସ୍‌ଫୁଲ ପ୍ରେମିକ। କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ। ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ। ନ ହେଲେ ନେଡି ଗୁଡ ଯେତେବେଳେ କହୁଣୀକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ**–ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ପୀତବାସ, ଖୋର୍ଦ୍ଧା*

**ଉତ୍ତର:** ସେହି ଝିଅଟି ଆପଣଙ୍କୁ ଦେଖି ଲାଜ କରୁଛି। ତା' ଲାଜରେ ପ୍ରେମ ଅଛି କି ନାହିଁ ଜାଣିପାରୁନାହାନ୍ତି–ବାସ୍, ଏଇଠି ଆପଣଙ୍କର ସବୁ କଥା ଅଟକି ରହିଛି। ଥରେ ଥଣ୍ଡା ମିଜାସରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ରହିଛି। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ନ ହେଲେ ପ୍ରେମ ରାଇଜରେ ଘଡିକେ ଘୋଡା ଛୁଟିଥାଏ। ହୁଏତ ଆଜିର ପାଣିପାଗ କାଲି ଯେ ଆପଣଙ୍କୁ ସପୋର୍ଟ କରିବ ଆଉ ଆପଣ ସେ ମନର ମାନସୀ ହୃଦୟରେ ତାଜମହଲଟିଏ ଗଢ଼ିବେ–ଏହି ଆଶା କେବଳ ଆଶା ହୋଇ ରହିଯିବ। ତେଣୁ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେବେ ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ। ନ ହେଲେ ଚାନ୍ସଟା ହାତରୁ ଖସିଯାଇପାରେ।

**ପ୍ରଶ୍ନ**–ଏବେ ମୁଁ ଜଣେ ଝିଅ ପ୍ରେମରେ ପଡିଯାଇଛି। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। କ'ଣ କରିବି ?

*–ଅମୀୟ କୁମାର, ଜଗତସିଂହପୁର*

**ଉତ୍ତର:** ଯାହାକୁ ପ୍ରଥମେ ନିଜର ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ତାକୁ ଭୁଲିବା ଏତେ ସହଜ ନୁହେଁ। ହେଲେ ଉଲ୍ଲେଖ କରିଛନ୍ତି ଯେ, ଏବେ ଆଉ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଇଛନ୍ତି। ଏବେ ଯଦି ନିଜ ପ୍ରଥମ ପ୍ରେମ ବିଷୟରେ ଭାବିବେ ତେବେ ବର୍ତ୍ତମାନର ପ୍ରେମ ସେହି ଅନୁସାରେ ପାଣିଚିଆ ଲାଗିବ। ଯୋ ଗୟା ଉସକୋ ସୋଚ୍‌ନେ ସେ କୋଇ ଫାଇଦା ନେହିଁ। ତେଣୁ ଏବେ କେବଳ ନୂଆ ପ୍ରେମିକା ବିଷୟରେ ଚିନ୍ତା କରନ୍ତୁ।




# ପ୍ରଥମ ରୋଜଗାରରେ ପରୀକ୍ଷା ଫି' ଦାଖଲ କରିଥିଲି

## ପ୍ରଥମ ରୋଜଗାର



ଶିଶୁ ସାହିତ୍ୟିକ **ଡ. ହେମନ୍ତ କୁମାର ଛୋଟରାୟ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ସ୍ରୋ**ତସ୍ୱିନୀ ଦୟା ତଟରେ ପୁରୀ ଜିଲା କଣାସ ବ୍ଲକର ଗଡ଼ମାଟିଆପଡ଼ା ଗାଁରେ ମୋର ଜନ୍ମ। ୧୮୦୪ ଓ ୧୮୧୭ ଖୋର୍ଦ୍ଧାର ପାଇକ ବିଦ୍ରୋହରେ ଆମ ଗାଁ ପାଇକମାନଙ୍କ ବୀରତ୍ୱ ଓ ସାହସିକତା ସମ୍ପର୍କରେ ଶୁଣି ମୋ ମନରେ ଶିହରଣ ସୃଷ୍ଟି ହୋଇଥିଲା। ନଦୀପଠାର କାଶତଣ୍ଡୀ ଫୁଲ, ଆମ୍ବତୋଟା ମାଳରେ କୋଇଲିର କୁହୁସ୍ୱନ, ସବୁଜ ଧାନକ୍ଷେତ ସାଙ୍ଗକୁ ଗାଁର ମେଳା ମହୋତ୍ସବ, ଯାନିଯାତ୍ରା ଓ ପର୍ବପର୍ବାଣିରୁ ମିଳୁଥିବା ଆନନ୍ଦ ମୋତେ ଆନମନା କରାଉଥିଲା ପିଲାବେଳୁ। ମୋ ଭିତରେ ସାରସ୍ୱତ ସ୍ରଷ୍ଟାର ପ୍ରବୃତ୍ତିଟିଏ ଆସ୍ତେ ଆସ୍ତେ ବସା ବାନ୍ଧୁଥିଲା। ସେହି ସୃଜନ ପ୍ରବଣତାର ପରିସ୍ଫୁଟନ ସମ୍ଭବ ହୋଇଥିଲା ୧୯୭୯ ମସିହା ଇଣ୍ଟର ମିଡିଏଟ୍ ଶ୍ରେଣୀର ଛାତ୍ର ଥିବାବେଳେ। ରାଜ୍ୟର ଅଗ୍ରଣୀ ଶିଶୁ ସାହିତ୍ୟ ପତ୍ରିକା 'ଶିଶୁଲେଖା'ରେ ପ୍ରକାଶ ପାଇଁ ଗପଟିଏ ଲେଖି ପଠାଇଲି। ସର୍ବରାକାର ବ୍ୟବସ୍ଥା ଥିଲାବେଳେ ଆମର ଗୋଟିଏ କଚେରି ଘର ଥିଲା। ତାକୁ ମୋ ଜେଜେ ଡାକଘର ପାଇଁ ଦେଇଦେଇଥିଲେ। ଦିନେ ପୋଷ୍ଟମାଷ୍ଟର (ଆମ ବଡ଼ବାପା) ଡାକିଲେ ମୋତେ। ହାତରେ ଧରିଥିବା ଗୋଟିଏ ଶିଶୁଲେଖାଟି ବଢ଼ାଇଦେଲେ ମୋ ହାତକୁ। ଖୋଲି ଦେଖିଲି ମୋ ଗପ 'ଦୀପଦାନି' ସେଥିରେ ପ୍ରକାଶ ପାଇଛି। ମୁଁ ଆତ୍ମହରା ହୋଇଗଲି। ପତ୍ରିକାଟି ଧରି ବାହାରି ଆସୁଥିଲି, ସେ ମୋତେ ବସିବାକୁ କହିଲେ ଓ ମନିଅର୍ଡର ଫର୍ମରେ ମୋଠାରୁ ଦସ୍ତଖତ ନେଇ ମୋତେ ୫୦ ଟଙ୍କା ଦେଲେ। କୁପନ୍ ଚିରି ହାତକୁ ଦେଲାବେଳେ ପଢ଼ିଲି ସେଥିରେ ଲେଖାଅଛି– ଗପ 'ଦୀପଦାନିର' ପାରିଶ୍ରମିକ ଅର୍ଥ। ମୋ ଆନନ୍ଦର ସୀମା ରହିଲା ନାହିଁ। ମୁଁ ଭାବବିହ୍ୱଳ ହୋଇପଡ଼ିଲି। ଶେଷବର୍ଷ ପରୀକ୍ଷା ପାଇଁ ଫି' ନିର୍ଦ୍ଧାରିତ ହୋଇଥାଏ ୫୦ ଟଙ୍କା। ତେଣୁ ସେ ବାବଦ ଅର୍ଥ ଆଉ ଘରେ ମାଗିବାକୁ ପଡ଼ିଲା ନାହିଁ। ପାଠପଢ଼ା ଶେଷ ହେବାମାତ୍ରେ ୧୯୮୩ ମସିହା ମେ' ମାସରେ ସରକାରୀ ପାଠ୍ୟପୁସ୍ତକ ମୁଦ୍ରଣାଳୟ ଭୁବନେଶ୍ୱରର ପ୍ରଶାସନିକ ବିଭାଗରେ ଚାକିରିଟିଏ ପାଇଗଲି। ଜଣେ ବଡ଼ଭାଇ 'ମଳିପଡ଼ା'ର ବୁଢ଼ାନା' ମୋତେ ଡାକିନେଇ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରେ ଗୋଟେ ଜମାଖାତା ଖୋଲାଇଦେଲେ। ମିଳିଥିବା ପ୍ରଥମ ଦରମାତକ ମୁଁ ସଞ୍ଚୟ କରିଦେଲି। ଚାକିରି ଜୀବନର ରୋଜଗାର ଅର୍ଥକୁ ସଞ୍ଚୟ କରିଛି ଓ ଆବଶ୍ୟକ ଅନୁସାରେ ଖର୍ଚ୍ଚ ମଧ୍ୟ କରିଛି। ଏହି ସଞ୍ଚୟ ଅଭ୍ୟାସ ମୋ ଭବିଷ୍ୟତ ପାଇଁ ବହୁମାତ୍ରାରେ ସହାୟକ ହୋଇଛି। ଆଉ ମୋ ସାହିତ୍ୟିକ ଜୀବନ କଥା କହିଲେ, ଆଜି ମୁଁ ଓଡ଼ିଶାରେ ଜଣେ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକର ମାନ୍ୟତା ପାଇଛି। ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ପତ୍ରପତ୍ରିକାରେ ମୋ ଲେଖା ପ୍ରକାଶ ପାଇଆସୁଛି। ଆକାଶବାଣୀରେ ବହୁ ଗପ, ନାଟକ, ଶିଶୁ ସାହିତ୍ୟର ପ୍ରସାରଣ ମୋର ଆଉ ଗୋଟିଏ ପରିଚୟ। 'ଦେଶର ସମ୍ପଦ', 'ସୁନାପିଲା ଆମ ସାନ ନାତି', 'କାଳିଆ ବଳଦ' ଆଦି ୨୦ ଖଣ୍ଡ ଶିଶୁ ସାହିତ୍ୟ ପୁସ୍ତକ 'ବିନୋବା କାହାଣୀମାଳା', 'ଲାଲ୍ ମାଟିର ବିସ୍ମୟ' ଆଦି ୬ଖଣ୍ଡ ଅନୁବାଦ ଶିଶୁ ସାହିତ୍ୟ ସମେତ ଅନେକ ନାଟକ, କ୍ଷୁଦ୍ର ଗଳ୍ପ ସଂକଳନ ଓ ଧର୍ମ ପୁସ୍ତକ ପ୍ରକାଶିତ ହୋଇ ମୋ ପରିଚିତିକୁ କରିଛି ପରିବ୍ୟାପ୍ତ, ଯେଉଁଥିପାଇଁ ରାଜ୍ୟର ବହୁ ମର୍ଯ୍ୟାଦାସମ୍ପନ୍ନ ଅନୁଷ୍ଠାନରୁ ମୋତେ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିଛି। ସାରସ୍ୱତ ରଚନା କ୍ଷେତ୍ରରେ କିଛି ଅର୍ଥ ରୋଜଗାର କରିଥିଲେ ବି ମୋର ପ୍ରଥମ ପାରିଶ୍ରମିକର ସ୍ମୃତିକୁ ମୁଁ ଏବେ ବି ଭୁଲିପାରୁନି।






ଜିନିଷ ଅଦରକାରୀ ହୋଇଗଲେ ଆମେ ତାହାକୁ ଫିଙ୍ଗିଦେଉ। କିନ୍ତୁ ବେଳେବେଳେ ଏହି ଅଦରକାରୀ ଜିନିଷକୁ ବ୍ୟବହାର କରି ଏମିତି କିଛି ଦରକାରୀ ଜିନିଷ ବି ତିଆରି ହୋଇଯାଏ ; ଯାହା ଆଖିଦୃଶିଆ ହେବା ସହ ଆମର ଖୁବ୍ କାମରେ ଆସିଥାଏ। ସେମିତି ଏକ ଜିନିଷ ହେଉଛି ପୁରୁଣା ଶାଲ୍। ଏହା ଫାଟିଗଲେ କିମ୍ବା ପୁରୁଣା ହୋଇଗଲେ ତାକୁ ଆଉ ବ୍ୟବହାର କରିବାକୁ ଭଲଲାଗେନି। କିନ୍ତୁ ଏହାକୁ ଅଦରକାରୀ ନ ଭାବି ଯଦି ଟିକେ ବୁଦ୍ଧି ଖଟାଯାଏ ତା'ହେଲେ ଏଥିରୁ ବି ଅନେକ ଦରକାରୀ ଜିନିଷ ତିଆରି କରିହେବ...

# ପୁରୁଣା ଶାଲ୍‌ର ନୂଆ ଲୁକ୍

* **ପୁରୁଣା ଶାଲ୍‌ରେ କୁର୍ତ୍ତି:** ଯଦି କୌଣସି ଶାଲ୍‌ର ଧଡ଼ି ଖରାପ ହୋଇଯାଇଥିବାରୁ ଆଉ ତାକୁ ବ୍ୟବହାର କରି ହେଉନାହିଁ, ତା'ହେଲେ ସେଥିରୁ କୁର୍ତ୍ତି ତିଆରି କରିପାରିବେ। କୁର୍ତ୍ତିକୁ ଟିକେ ହାଇଲାଇଟ୍ କରିବା ପାଇଁ ଆବଶ୍ୟକ ହେଲେ ରେଡିମେଡ୍‌ରେ ବିକ୍ରି ହେଉଥିବା ବର୍ଡର୍‌କୁ ଆଣି ସେଥିରେ ଲଗାଇ ପାରିବେ। ଧ୍ୟାନଦେବେ ଶାଲ୍‌ରୁ ତିଆରି ହେଉଥିବା କୁର୍ତ୍ତିରେ ଟିକେ ଭଲ କ୍ୱାଲିଟିର ଲାଇନିଂ ଦେବାକୁ ପଡ଼ିଥାଏ।
* **ପୋଞ୍ଚୋ ଟପ୍:** ଶୀତଦିନେ ଉଲ୍‌ରେ ତିଆରି ପୋଞ୍ଚୋ ଟପ୍‌ର ବେଶ୍ ଚାହିଦା ରହିଥାଏ ଝିଅମାନଙ୍କ ଭିତରେ। ପୋଞ୍ଚୋ ଟପ୍ ହେଉଛି ଏମିତି ଏକ ଆଉଟ୍‌ଫିଟ୍ ; ଯାହାକୁ କେବଳ ମୁଣ୍ଡପଟେ ଗଳେଇକି ପିନ୍ଧିଦେଲେ ଏହା ବେକଠାରୁ ଅଣ୍ଟା ପର୍ଯ୍ୟନ୍ତ ଶରୀରକୁ ପୂରା କଭର କରିକି ରଖିଥାଏ। ଫଳରେ ଶୀତ ଏତେ ଜଣାପଡ଼େନାହିଁ। ଜିନ୍ସ ସାଙ୍ଗକୁ ଏହି ଟପ୍ସ ବେଶ୍ ମାନିଥାଏ। ଯଦି ଆପଣଙ୍କ ପାଖେ ପୁରୁଣା ଶାଲ୍ ଅଛି ତା'ହେଲେ ନୂଆ ପୋଞ୍ଚୋ ଟପ୍ କିଣିବାର ଆବଶ୍ୟକତା ନାହିଁ। ଏହି ଶାଲ୍‌ରୁ ବି ଆପଣ ସୁନ୍ଦର ପୋଞ୍ଚୋ ଟପ୍ ତିଆରି କରି ପିନ୍ଧିପାରିବେ।
* **ଓ୍ୱିଣ୍ଟର ସ୍କାର୍ଫ:** ଅସାବଧାନତା ଯୋଗୁ ବେଳେବେଳେ ଶାଲ୍‌ରେ ଛୋଟ ଛୋଟ କଣା ହୋଇଯାଏ ନଚେତ୍ ଏହା ଫାଟିଯାଏ। ଫଳରେ ଏହାକୁ ଆଉ ବ୍ୟବହାର କରିବାକୁ ଭଲ ଲାଗେନି। ଏଭଳି ସ୍ଥିତିରେ ଶାଲ୍‌ର ଯେଉଁ ସ୍ଥାନରେ କଣା ହୋଇଯାଇଛି କିମ୍ବା ଫାଟିଯାଇଛି ସେଠାରେ ଟିକେ ଡିଜାଇନ୍ ଭାବେ ସିଲେଇ କରି ମାଳି କିମ୍ବା ଷ୍ଟୋନ୍‌ରେ ଶାଲ୍‌କୁ ଡେକୋରେଟ୍ କରିଦେବେ। ପରେ ଏହାକୁ ଓ୍ୱିଣ୍ଟର ସ୍କାର୍ଫ ଭାବେ ବେକରେ ଷ୍ଟାଇଲ୍‌ରେ ପକାଇପାରିବେ ନଚେତ୍ ମୁଣ୍ଡ ସହ ବେକକୁ ବି କଭର କରିକି ପକାଇପାରିବେ।
* **ଶ୍ରଗ୍:** ପୁରୁଣା ଶାଲ୍‌ରୁ ଆକର୍ଷଣୀୟ ଶ୍ରଗ୍ ବି ତିଆରି କରିହେବ ; ଯାହାକୁ ଜିନ୍ସରୁ ଆରମ୍ଭକରି ଶାଢ଼ି ପର୍ଯ୍ୟନ୍ତ ଯେ କୌଣସି ଆଉଟ୍‌ଫିଟ୍ ସାଙ୍ଗରେ ବେଶ୍ ଭଲଭାବେ ମ୍ୟାଚିଂ କରି କ୍ୟାରି କରାଯାଇପାରିବ। ଏହା ଆକର୍ଷଣୀୟ ଲୁକ୍ ଦେବା ସହ ଶୀତରୁ ବି ରକ୍ଷା କରିପାରିବ।
* **ଟେବୁଲ୍ କ୍ଲଥ୍:** ପୁରୁଣା ଶାଲ୍‌କୁ ଆପଣ ଚାହିଁଲେ ଟେବୁଲ୍ କ୍ଲଥ୍ ଭାବେ ବି ବ୍ୟବହାର କରିପାରିବେ। ଯଦି କେଉଁ ଶାଲ୍‌ର ବର୍ଡର ଫାଟି ଯାଇଥାଏ ତା'ହେଲେ ବର୍ଡରକୁ କାଟି ଚାରିପଟୁ ଭଲଭାବେ ସିଲେଇ କରି ଟେବୁଲ୍ ଉପରେ ପକାଇ ଟେବୁଲ୍‌କୁ ଭିନ୍ନ ଲୁକ୍ ଦେଇପାରିବେ।

କେବଳ ଏତିକି ନୁହେଁ, ପୁରୁଣା ଶାଲ୍‌କୁ କାଟିକୁଟି ସୋଫା କଭର, କୁସନ କଭର ହେଉ ଅବା ଆକର୍ଷଣୀୟ ପାପୋଛ ବି ତିଆରି କରାଯାଇପାରିବ। ଏଥିପାଇଁ କେବଳ ନୂଆ ନୂଆ ଆଇଡିଆର ଆବଶ୍ୟକତା ରହିଛି।









## ହାଃ ହାଃ

### କୁକୁର

ରାଜୁ ଓ ତା' ସ୍ତ୍ରୀ ଝଗଡା ହେବା ପରେ

ସ୍ତ୍ରୀ– ଆସ ଖାଇବ।

ରାଜୁ ରାଗିକି– ତମ ହାତ ରନ୍ଧା କୁକୁର ବି ଖାଇବନି।

ସ୍ତ୍ରୀ– ସେଥିପାଇଁ ତ ତମକୁ ଦେଉଛି।

### ଠିପି

ଚିଣ୍ଟୁ ଅମିତକୁ– ମୋ ମା' ମୋ ଉପରେ ବହୁତ ରାଗିଛନ୍ତି।

ଅମିତ– କାହିଁକି ?

ଚିଣ୍ଟୁ– ସବୁବେଳେ ଫେସ୍‌ବୁକ୍ ଦେଖୁଛି ତ ସେଥିପାଇଁ।

ଅମିତ–ତା'ହେଲେ ତୁ ଫେସ୍‌ବୁକ୍‌ର ଆକାଉଣ୍ଟ ବନ୍ଦ କରି ଦେଉନୁ।

ଚିଣ୍ଟୁ– କରିଦିଅନ୍ତି। ହେଲେ ତା' ଠିପି କେଉଁଠି ଅଛି ମୁଁ ପାଉନି।

### ଭାଗ୍ୟବାନ

ଯୁବତୀ ବାବାଙ୍କୁ– ବାବା, ମୋର ରାଜା ଓ ରାହୁଲ ନାମରେ ଦୁଇଜଣ ବୟଫ୍ରେଣ୍ଡ ଅଛନ୍ତି। ମୁଁ ଜାଣିବାକୁ ଚାହୁଁଛି, କିଏ ସେହି ଭାଗ୍ୟବାନ ଯାହା ସହିତ ମୋର ବାହାଘର ହେବ ?

ବାବା– ତୁମ ବାହାଘର ରାଜା ସହ ହେବ। ଆଉ ରାହୁଲ ହେବ ଭାଗ୍ୟବାନ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।





# ମଦୁରାଇ ଗାନ୍ଧୀ ମ୍ୟୁଜିୟମ

ଏଇ ଅଳ୍ପଦିନ ତଳେ ଯାଇଥିଲୁ ତାମିଲନାଡୁର ମହାନ୍ ଐତିହାସିକ ନଗରୀ ମଦୁରାଇକୁ। ସେଠାରେ ସ୍ୱାଧୀନତାର ବାଣୀ ପ୍ରଚାର କରୁଥିବା ପୀଠ 'ଗାନ୍ଧୀ ମ୍ୟୁଜିୟମ'କୁ ଦେଖି ଆଖି ଖୋସି ହୋଇଗଲା। ମ୍ୟୁଜିୟମ୍ କର୍ମଚାରୀଙ୍କଠୁ ଜାଣିଲୁ ମ୍ୟୁଜିୟମ୍‌ଟି ପ୍ରଥମେ ଏକ ରାଜପ୍ରାସାଦ ଥିଲା ; ଯାହା ନାୟକ ରାଜବଂଶର ରାଣୀ ମଙ୍ଗମ୍ମାଲଙ୍କ ଗ୍ରୀଷ୍ମକାଳୀନ ବାସସ୍ଥାନ। ପରେ ଇଷ୍ଟ ଇଣ୍ଡିଆ କମ୍ପାନୀର କଲେକ୍ଟରଙ୍କ ବାସଭବନ ହେଲା। ଆଉ ଦେଶ ସ୍ୱାଧୀନ ହେବା ପରେ ତାମିଲନାଡୁ ସରକାର ୧୯୫୫ ମସିହାରେ ଗାନ୍ଧୀ ସ୍ମାରକ ନିଧିଙ୍କୁ ତାହା ହସ୍ତାନ୍ତର କରିଥିଲେ। ୧୯୫୯ରେ ବିଧିବଦ୍ଧ ଭାବେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ତାହା ଉଦ୍‌ଘାଟିତ ହୋଇଥିଲା। ରାଜପ୍ରାସାଦ ହେତୁ କୋଠାଟି ଦେଖିବାକୁ ବହୁତ ସୁନ୍ଦର ଲାଗୁଥିଲା। ୧୩ ଏକର ଜମି ଉପରେ ସୁନ୍ଦର ଧଳା ମହଲରେ ଗାନ୍ଧୀ ମ୍ୟୁଜିୟମ ପରିଦର୍ଶନ ସତରେ ପୁଲକିତ କରୁଥିଲା ଆମକୁ। ସକାଳ ୧୦ଟାରୁ ଦିନ ୧ଟା ଏବଂ ଦିନ ୨ଟାରୁ ସନ୍ଧ୍ୟା ୫ଟା ୪୫ ପର୍ଯ୍ୟନ୍ତ ଖୋଲାରହି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ମ୍ୟୁଜିୟମଟି। କ୍ୟାମେରା ନେବାକୁ ହେଲେ ସ୍ୱତନ୍ତ୍ର ଅର୍ଥ ଦେବାକୁ ପଡେ। ପୁଣି ମୋବାଇଲରେ ଫଟୋ ଉଠାଇବା ମନା।

ମ୍ୟୁଜିୟମଟି ତିନି ଭାଗରେ ବିଭକ୍ତ। ପ୍ରଥମ ଭାଗରେ ଭାରତର ବିଭିନ୍ନ ପର୍ଯ୍ୟାୟର ସ୍ୱାଧୀନତା ସଂଗ୍ରାମର ତଥା ଆନ୍ଦୋଳନର କଥା ଦୁଇଶହ ପଞ୍ଚଷଠି ଚିତ୍ରଣ ମାଧ୍ୟମରେ ଓ ତିରିଶଟି ପ୍ୟାନେଲରେ ବର୍ଣ୍ଣିତ ହୋଇଛି। ତା'ସହିତ ଗାନ୍ଧିଜୀଙ୍କର କିଛି ପ୍ରତିକୃତି, କିଛି ବ୍ୟବହୃତ ଅବଶେଷ ସହିତ ଟିକେଟ ମାଳାରେ ସଜ୍ଜିତ ହୋଇଛି ଏଇ ଭାଗଟି। ଦ୍ୱିତୀୟ ଭାଗରେ ରହିଛି ଗାନ୍ଧିଜୀଙ୍କର ଦୃଶ୍ୟ ଆତ୍ମଜୀବନୀ। ଶୈଶବରୁ ଶେଷ ଯାଏଁ ଶହେ ଚବିଶଟି ଫଟୋ, କିଛି ପେଣ୍ଟିଙ୍ଗସ୍, ଅନେକ କୋଟେସନ୍, ହସ୍ତଲିପି, ମୂର୍ତ୍ତି ତଥା ସ୍ୱତନ୍ତ୍ର ଫଟୋର ସମାହାର ଅଛି ଏହି ଭାଗରେ। ସେହିପରି ତୃତୀୟ ଭାଗରେ ରହିଛି ଗାନ୍ଧୀଜିଙ୍କ ଦ୍ୱାରା ବ୍ୟବହୃତ ଗିନା, ଚାମଚ, ଥାଳି, ଚାଦର, ଅରଟ, ଚଷମା, ବହି, ଚିଠି, ବିଛଣା ତଥା କିଛି କଳାକୃତି, ଅନେକ ପ୍ରତିକୃତି, ଦେହାବଶେଷ ଓ ଶେଷ ସମୟର ରକ୍ତଭିଜା ଚାଦର (କାଚ ବାକ୍ସ ଭିତରେ ସଯତ୍ନ ସାଇତା ସ୍ମାରକ)। ଆଖିରେ ଆଖିଏ ଲୁହ ନେଇ ଦେଖୁଥିଲି ସେସବୁକୁ। ଯେଉଁ ମାଟି କ୍ଷମା ଦେଇଜାଣେ, ତ୍ୟାଗ କରିଜାଣେ, ଅହିଂସା ଓ ଦୟାକୁ ପିନ୍ଧିନେଇଥାଏ ହୃଦୟରେ, ସେଠାରେ କାହିଁକି ଆସେ ପ୍ରତିହିଂସାର ବହ୍ନି...ଅସମାହିତ ପ୍ରଶ୍ନ ମନକୁ ମୋର ବିଦାରି ଦେଉଥିଲା। ଠିକ୍ ସେତିକିବେଳେ କାହିଁକି କେଜାଣି ମ୍ୟୁଜିୟମ୍‌ରେ ଥିବା କେତେଜଣ କର୍ମଚାରୀ ଆମକୁ ସେଠାରେ ବସାଇ କଫି ପିଆଇଲେ। ଆମେ କେଉଁଠାରୁ ଆସିଛୁ ବୋଲି ପଚାରିଲେ। ଓଡ଼ିଶା ବୋଲି କହୁକହୁ 'ପୁରୀ ଜଗନ୍ନାଥ ଧାମ' ସେମାନେ ଉଚ୍ଚାରଣ କଲେ। ଆଃ, ମନଟା ସେତିକିରେ ହାଲୁକା ହୋଇଗଲା। କଫିର ବାସ୍ନାରେ ଓ ସ୍ୱାଦରେ ଦେହମନ ସତେଜ ହୋଇଯାଉଥିଲା।

ତା'ପରେ ମ୍ୟୁଜିୟମ୍‌ର ଲାଇବ୍ରେରୀକୁ ଗଲୁ ; ଯେଉଁଠାରେ ଥିଲା ଅସଂଖ୍ୟ ବହିର ମେଳଣ। ମ୍ୟୁଜିୟମ୍‌ରେ ଥିବା ଗାନ୍ଧୀ କୁଟୀର ଏବଂ ଓପନ ଏୟାର ଥିଏଟର ବି ଦେଖିଲୁ। ସେଠାକାର କର୍ମକର୍ତ୍ତାମାନେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ କରନ୍ତି ବର୍ଷସାରା। ପ୍ରତିଦିନ ଅଲଗା ଅଲଗା କାମ ହୁଏ। ପର୍ଯ୍ୟଟକଙ୍କ ପାଇଁ ଧ୍ୟାନ, ରାମଧୁନ ଗାନ ସକାଶେ ବି ବ୍ୟବସ୍ଥା ଥାଏ ସେଠାରେ। ତେବେ ବିଶେଷ ଦିନରେ ବିଶେଷ କାମସବୁ ହୋଇଥାଏ। ବୁଝାବୁଝିକରି ଯାହା ଜାଣିଲୁ, ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ୫ ଦିନଯାଏଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଗାନ୍ଧୀଙ୍କ ଦର୍ଶନ ଉପରେ ଭାଷଣ, ବକ୍ତୃତା ଇତ୍ୟାଦି ଆୟୋଜନ ହୋଇଥାଏ ସେଠାରେ। ବିଭିନ୍ନ ପ୍ରକାରର ବିରଳ ଅଡିଓ, ଭିଡିଓ କ୍ଲିପିଙ୍ଗ୍‌ର ଦୃଶ୍ୟ ଦେଖିବାକୁ ମିଳେ ସେ ସମୟରେ। ସମଗ୍ର ମ୍ୟୁଜିୟମ୍‌କୁ ବୁଲି ଦେଖିବାକୁ ମନ ଥିଲେ ଦିନଟେ ଲାଗିଥାଏ ନ ହେଲେ ଘଣ୍ଟାଏ ଦୁଇ ଘଣ୍ଟା ବି ଯଥେଷ୍ଟ ବୋଲି ଅନୁଭବ ହୁଏ।






ଆମକୁ ବି ସମୟ ହାତ ଠାରୁଥିଲା। ଫେରିବାକୁ ହେବପୁଣି ... ହଠାତ୍ ଆଖି ପଡିଗଲା ମ୍ୟୁଜିୟମ୍‌ରେ ଥିବା ଏକ ଭାରତ ମାନଚିତ୍ର ଉପରେ। କି ସୁନ୍ଦର କଳାକୃତି। ହିମାଳୟ ପର୍ବତମାଳା ଆଉ ଆରବ, ବଙ୍ଗୋପସାଗର ତଥା ଭାରତ ମହାସାଗରକୁ ନୀଳ ରଙ୍ଗଦେଇ ସୁନ୍ଦରଭାବେ ତିଆରି କରାଯାଇଥିବା ଭାରତ ମାନଚିତ୍ର ପୁଣି ବର୍ମାଆଡକୁ ବଢ଼ିଯାଇଛି ...., ପାଖରେ ଶ୍ରୀଲଙ୍କା... ପୁଣି ଛାତିରେ ଇଂଲିଶରେ ଯାହା ଲେଖା ଅଛି ତା'ର ଓଡ଼ିଆ ଅନୁବାଦ ହେବ– 'ଭାରତର ସ୍ୱାଧୀନତା ପାଇଁ ଲଢେଇ'। ମାନଚିତ୍ରଟିକୁ ଦେଖି ଅଭିଭୂତ ହେବା ସହିତ ସ୍ତମ୍ଭୀଭୂତ ହୋଇଗଲି, ସଭକ୍ତି ପ୍ରଣିପାତ କଲି। ଭୂଗୋଳରେ ପଢ଼ିଥିବା ମାନଚିତ୍ର ସେ ନୁହେଁ। ରାଜ୍ୟ ବା ପରିସୀମା ନାହିଁ ସେଥିରେ। ଭାଷାଭିତ୍ତିକ ରାଜ୍ୟଗଠନ ହୋଇଥିଲେ ବି କେଉଁଠି ମଧ୍ୟ ପରିସୀମା ନ ଥିଲା ସେଥିରେ। ଓଡ଼ିଶା ଜାଗାରେ ଥିଲା କୋଣାର୍କ ଚକ୍ର, ଆଉ ଓଡିଆ ଭାଷାରେ ଖୋଦେଇ ହୋଇ ଲେଖା ହୋଇଥିଲା 'ଇନକିଲାବ ଜିନ୍ଦାବାଦ', 'ଭାରତ ମାତା କି ଜୟ', 'କର ନ ହେଲେ ମର' ଓ 'ବନ୍ଦେ ମାତରଂ'। ଭୂଗୋଳରେ ଭାରତ ମାନଚିତ୍ର ମାନେ ବିଭିନ୍ନ ରାଜ୍ୟ ଓ ତା'ର ପରିସୀମା ଦେଖିଚି। ସେଥିରେ କିନ୍ତୁ ଭାଷା ଆଉ କିଛି ଏମିତି ଚିହ୍ନ ରହିଥିଲା ; ଯାହା ସେଇ ପ୍ରଦେଶକୁ ଚିହ୍ନିତ କରୁଥିଲା ବିନା ପରିସୀମାରେ। ଯେହେତୁ ପରିସୀମାର ଚିହ୍ନ ନଥିଲା ତେଣୁ ଏହି ମାନଚିତ୍ରଟି ଆମକୁ ଅଖଣ୍ଡ ଭାରତର ବାର୍ତ୍ତା ଦେଉଥିଲା।

ସୂର୍ଯ୍ୟ ଢଳି ଯାଉଥିଲେ ପଶ୍ଚିମକୁ। ସୁନେଲି ଖରା ସହ ମେଘର ଲୁଚକାଳି ବେଶ୍ ଉପଭୋଗ୍ୟ ଥିଲା। ନଇଁ ଆସୁଥିଲା ସନ୍ଧ୍ୟା। ଭାବପ୍ରବଣ ମନକୁ ଆକଟି ଦୀର୍ଘଶ୍ୱାସ ସହ ଫେରିବାକୁ ପ୍ରସ୍ତୁତ ହେଉଥିଲି। ଫଟୋ ନେଲି ବାହାରୁ ଏବେ। ଭାରାକ୍ରାନ୍ତ ଥିଲା ମନ। ମୋ ମାଟି, ମୋ ମାଆ... କୋଟି ପ୍ରଣାମ କହି ନଇଁ ପଡି ଧୂଳି ଟିପେ ଆଣି ଲଗାଇଲି ମଥାରେ।

–ବନ୍ଦିତା ଦାଶ
କାଂଶବାହାଲ, ସୁନ୍ଦରଗଡ଼








# ବାଦୁଡ଼ି ଓଲଟା ଝୁଲେ କାହିଁକି





**ବଡ଼ ବଡ଼ ଗଛର ଡାଳ, ପୁରୁଣା ଘରର ଛାତରୁ ଓଲଟା ଝୁଲି ରହିଥିବା ବାଦୁଡ଼ି ପ୍ରାୟ ସମସ୍ତେ ଦେଖିଥିବେ। ରାତ୍ରିଚର ଏଇ ପ୍ରାଣୀ ଦଳ ଦଳ ହୋଇ ଗୋଟିଏ ଜାଗାରେ ରୁହନ୍ତି। ତେବେ କେବେ ଭାବିଛନ୍ତି କି ବାଦୁଡି ଏମିତି ଓଲଟା କେମିତି ଝୁଲି ରହେ? ଜାଣନ୍ତୁ ସେ ସମ୍ପର୍କରେ..**

ବାଦୁଡି ହେଉଛି ଏକମାତ୍ର ଉଡନ୍ତା ସ୍ତନ୍ୟପାୟୀ ପ୍ରାଣୀ। କୁହାଯାଏ ଏହାର ଅସ୍ତିତ୍ୱ ବହୁ ପୁରୁଣା। ଏମିତିକି ଡାଇନୋସର ଯୁଗରେ ବି ଏହାର ଅସ୍ତିତ୍ୱ ଥିବା କିଛି ତଥ୍ୟ କହେ। କାରଣ ଆଜି ପର୍ଯ୍ୟନ୍ତ ମିଳିଥିବା ବାଦୁଡ଼ିର ସବୁଠାରୁ ପୁରୁଣା ଜୀବଶ୍ମ ୫୨ ମିଲିୟନ ବର୍ଷ ତଳର ବୋଲି କୁହାଯାଉଛି। ଏହା ଏମିତି ଏକ ପ୍ରାଣୀ ଯେକି ମରୁଭୂମି ପରି ଚରମ ତାପମାତ୍ରା ଥିବା ସ୍ଥାନରେ ଦେଖାଯାଆନ୍ତି, ସବୁଠୁ ଥଣ୍ଡା ଧ୍ରୁବୀୟ ଅଞ୍ଚଳରେ ବି ଦେଖାଯାଆନ୍ତି। ଆଉ ସବୁ ବାଦୁଡି ଓଲଟା ଝୁଲି ରହନ୍ତି। ଆଉ ଏମାନେ ଭୂମିରୁ ଉଡାଣ ଭରି ପାରନ୍ତି ନାହିଁ। କାରଣ ଏମାନଙ୍କ ଆଗଗୋଡ ଯାହାକି ଡେଣାର କାମ କରେ ତା'ର ଗଠନ ଭିନ୍ନ। ଯାହାକି ଭୂମିରୁ ଉଡିବା ଲାଗି ଆବଶ୍ୟକୀୟ ଲିଫ୍ଟ ସୃଷ୍ଟି କରିପାରେ ନାହିଁ। ଏମିତି କ୍ଷେତ୍ରରେ କିଛିଟା ଦୌଡିବାପରେ ସେମାନେ ହୁଏତ ଉଡାଣ ଭରିପାରିଥାନ୍ତେ। ହେଲେ ସେମାନଙ୍କ ପଛ ଗୋଡ ବହୁତ ଛୋଟ ଏବଂ ଅବିକଶୀତ। ତେଣୁ ଏମାନେ ଦୌଡିକି ଗତି ଧରି ପାରନ୍ତି ନାହିଁ। ଫଳରେ ସେମାନଙ୍କ ପାଖରେ ପଛଗୋଡର ପଞ୍ଝା ସାହାଯ୍ୟରେ ଉଚ୍ଚ ସ୍ଥାନକୁ ଚଢି ପରେ ପଞ୍ଝା ଛାଡି ତଳକୁ ପଡ଼ିବା ଭଳି ଅବସ୍ଥାରେ ଉଡିଥାନ୍ତି। ବାଦୁଡିଙ୍କ ଧମନୀର ୱାନ ୱେ ଭାଲ୍‌ଭ ଥାଏ। ତେଣୁ ଓଲଟା ଝୁଲିବାବେଳେ ରକ୍ତ ଓଲଟା ପ୍ରବାହିତ ହୁଏ ନାହିଁ। ଏମାନେ ସାଧାରଣତଃ ଅନ୍ଧାରିଆ ଗୁମ୍ଫାରେ ଦିନସାରା ଆରାମ କରନ୍ତି। ରାତିରେ ବାହାରନ୍ତି। ଶୋଇବାବେଳେ ବି ଏମାନେ ପଡ଼ନ୍ତି ନାହିଁ। କାରଣ ସେମାନଙ୍କ ଗୋଡର ଶିରା ଏଭଳିଭାବେ ବ୍ୟବସ୍ଥିତ ଯେ, ସେମାନଙ୍କ ଓଜନ ହିଁ ସେମାନଙ୍କ ପଞ୍ଝାକୁ ମଜଭୁତର ସହ ଧରି ରଖିବାରେ ସାହାଯ୍ୟ କରେ। ଉଚ୍ଚ ସ୍ଥାନରେ ଝୁଲି ରହିବାଦ୍ୱାରା ପରଭକ୍ଷୀଙ୍କଠାରୁ ବି ଏମାନେ ସୁରକ୍ଷିତ ରୁହନ୍ତି। ମାସ ମାସ ଏମିତିକି ବର୍ଷ ବର୍ଷ ବି ଏମାନେ ଏଭଳି ଓଲଟା ଝୁଲି ରହିପାରନ୍ତି। କିଛି ବାଦୁଡି ୫–୬ ମାସ ପର୍ଯ୍ୟନ୍ତ ଶୀତସୁପ୍ତୀକୁ ଚାଲିଯାଆନ୍ତି। ଏହି ସମୟରେ ସେମାନେ ଶରୀରରେ ସଞ୍ଚିତ ରଖିଥିବା ଫ୍ୟାଟ ଦ୍ୱାରା ଜୀବନଧାରଣ କରନ୍ତି। ସାରା ପୃଥିବୀରେ ୧୪୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ବାଦୁଡ଼ି ଅଛନ୍ତି।

# ମୁଡମେଟ୍ରିକ ରିଙ୍ଗ






ମଣିଷର ମୁଡ୍ ସବୁବେଳେ ସମାନ ନ ଥାଏ। କେତେବେଳେ ସେ ଖୁସି ତ କେବେ ଦୁଃଖରେ ଥାଏ। ପୁଣି କେବେ ଚିଡ୍ ଚିଡ ବି ହୁଏ। ଆଉ କେବେ ମଣିଷ ବୁଝି ବି ପାରେନା ତା ମନର ସ୍ଥିତି କ'ଣ ? ଏଭଳି ସମସ୍ୟାର ସମାଧାନ କରିବ ଏହି ମୁଡମେଟ୍ରିକ ରିଙ୍ଗ। ଏହି ମୁଦିକୁ ପିନ୍ଧି ଥିବା ବ୍ୟକ୍ତି ବେଶ୍ ସହଜରେ ନିଜ ମୁଡ୍ ସମ୍ପର୍କରେ ଜାଣିପାରିବ। କାରଣ ଏହି ମୁଦି ବ୍ୟକ୍ତିଙ୍କ ନର୍ଭସ ସିଷ୍ଟମ ସିଗ୍ନାଲକୁ ମାପି ଥାଏ। ଆଉ ତା' ଅନୁସାରେ ବ୍ୟକ୍ତିଙ୍କ ମନୋଭାବ କ'ଣ ଅଛି ଆକଳନ କରି ତାକୁ ସ୍ମାର୍ଟ ଫୋନକୁ ପଠାଏ। ସ୍ମାର୍ଟଫୋନ୍‌ଟି ଏକ ଆପ୍ ଦ୍ୱାରା ବ୍ୟକ୍ତିଙ୍କ ମୁଦି ସହ କନେକ୍ଟ ହୋଇଥାଏ। ଯଦ୍ୱାରା ବ୍ୟକ୍ତିଙ୍କ ମନର ଭାବ ଆରାମରେ ମୋବାଇଲରୁ ଜଣାପଡ଼େ।



## ଚିନ୍ମୟ ଚିନ୍ତନ


**ଶ୍ରୀ ସନ୍ୟାସୀ ଜୀ**

# ରାବଣ ଦେହରେ ମୁଁ କାହିଁକି ନିଆଁ ଲଗାଇଥାନ୍ତି ଯେ?

ସବୁଆଡ଼େ ନ ହେଲେ ବି ଦଶହରା ସମୟରେ କେଉଁଠି କେଉଁଠି ରାବଣ ପୋଡ଼ି ଉତ୍ସବର ଆୟୋଜନ ହୁଏ । ପ୍ରଥମେ ଛୋଟ କାଟର ସଭାଟିଏ ହୁଏ । ପରେ ସଭା ସମ୍ମୁଖରେ ବାଉଁଶ, କପଡ଼ା, ନଡ଼ା ଆଦିରେ ପୂର୍ବ ପ୍ରସ୍ତୁତ ରାବଣର ଏକ ବିରାଟ ପ୍ରତିକୃତିରେ ମୁଖ୍ୟ ଅତିଥି ଅଗ୍ନି ସଂଯୋଗ କରିଥାନ୍ତି । ଗଲା ବର୍ଷ ଏ ଲେଖକଙ୍କୁ ମୁଖ୍ୟ ଅତିଥି ଭାବେ ସେମିତି ଏକ ଉତ୍ସବକୁ ଲୋଡ଼ା ଯାଇଥାଏ । ସଭା ପରେ ଆୟୋଜକ କର୍ତ୍ତା ମୋ ହାତକୁ ମହମବତିଟିଏ ବଢ଼ାଇଦେଇ ରାବଣ ପୋଡ଼ି ଉତ୍ସବର ଅୟମାରମ୍ଭ କରିବା ପାଇଁ ନମ୍ରତାର ସହ ଅନୁରୋଧ କଲେ । ଆମ ଗହଣରେ ମୋ ଠୁଁ ଢେର ବୟସ୍କ ଏବଂ କ୍ଷମତାଶାଳୀ ବିଶିଷ୍ଟ ଏକ ବ୍ୟକ୍ତି ମୁଖ୍ୟ ବକ୍ତା ଭାବରେ ସେଦିନ ସଭାରେ ଉପସ୍ଥିତ ଥିବାରୁ ସୌଜନ୍ୟତା ଦୃଷ୍ଟିରୁ ମହମବତିକୁ ମୁଁ ତାଙ୍କ ହାତକୁ ବଢ଼ାଇ ଦେଇ ମୋର ଏ କାର୍ଯ୍ୟ କରିବା ପାଇଁ ମୋ ବିବେକ ଅନୁମତି ଦେଉନାହିଁ ବୋଲି କହିବାରୁ ସେ କହିଲେ ନାଇଁ ଆଜ୍ଞା, ଆପଣ ଆଜିର ମୁଖ୍ୟ ଅତିଥି। ଧାର୍ମିକ ବ୍ୟକ୍ତି, ପୁଣି ଜାତି ଶ୍ରେଷ୍ଠ ବ୍ରାହ୍ମଣ। ଆପଣ ଅଗ୍ନି ସଂଯୋଗର ଅୟମାରମ୍ଭ କରନ୍ତୁ । କିନ୍ତୁ ମୁଁ ଏ କାର୍ଯ୍ୟ କରିବାକୁ ଭଲ ପାଏ ନାହିଁ ବୋଲି କୁଣ୍ଠିତ ସ୍ୱରରେ କହିବାରୁ ଅବଶ୍ୟ କର୍ମକର୍ତ୍ତାମାନେ ସାମାନ୍ୟ ନିରାଶ ଅନୁଭବ କଲେ । କିନ୍ତୁ ମୁଁ କ'ଣ କରିବି । ଏ ବାବଦରେ ମୋର ଏକ ଭିନ୍ନ ବିଚାର ଥିଲା ।

ଆମ ଦୃଷ୍ଟିରେ ରାବଣ ଏକ ଅତ୍ୟାଚାରୀ, ନାରୀ ଅପହରଣକାରୀ ଏବଂ ଶ୍ରୀରାମ ବା ପ୍ରଭୁ ଦ୍ରୋହୀ ବ୍ୟକ୍ତିତ୍ୱ। ସେଥିପାଇଁ ତାକୁ ଧିକ୍କାର କରିବା ଛଳରେ ଆମେ ତା'ର ଏକ ପ୍ରତିକୃତି ତିଆରି କରି ଦଶହରା ଦିନ ସେଥିରେ ନିଆଁ ଲଗାଇଥାଉ । ରାବଣ ପୋଡ଼ି ଉତ୍ସବ କରିବା ପୂର୍ବରୁ ଆମେ କେବେ ଭାବି ଥାଉ କି ରାବଣ ଭିତରେ ଯୋଉ ଦୁର୍ଗୁଣଗୁଡ଼ିକୁ ଦେଖି ଆମ ମନରେ ତା' ପ୍ରତି ଘୃଣା ଭାବ ସୃଷ୍ଟି ହେଉଛି, ସେଇ ଦୁର୍ଗୁଣଗୁଡ଼ିକ ଆମ ଭିତରେ ଅଛି ନା ନାହିଁ? ମା' ସୀତାଙ୍କୁ ଚୋରି କରିନେଇଥିଲା ବୋଲି ରାବଣ ନାଁରେ କାହିଁରେ କେତେ କ'ଣ ଅପବାଦ । ଆମେ ଯେଉଁମାନେ ରାବଣ ପୋଡ଼ି ଉତ୍ସବ କରୁଛୁ ଅବା ରାବଣ ପ୍ରତିକୃତିରେ ନିଆଁ ହୁତୁ ହୁତୁ ହୋଇ ଜଳୁଥିବାର ଦେଖି କୁରୁଳି ଉଠୁଛୁ, ସେମାନଙ୍କ ଭିତରୁ କେତେ ଜଣ ନିଜ ଛାତିରେ ହାତ ରଖି କହିପାରିବେ ଯେ ସେମାନେ ନିଜ ଜୀବନରେ କେବେ ହେଲେ ପର ଝିଅ ବୋହୂଙ୍କୁ କୁଦୃଷ୍ଟିରେ ଦେଖି ନାହାନ୍ତି ଅବା କୋଉ ଝିଅର ଇଜ୍ଜତ ନେଇ ନାହାନ୍ତି? ସମସ୍ତେ ଊଣା ଅଧିକେ ସେ ରୋଗରେ ପୀଡ଼ିତ। ପ୍ରତ୍ୟେକ ଦିନ ଖବରକାଗଜର ପ୍ରତିଟି ପୃଷ୍ଠାରେ ଏବେ ଚୋରି, ହତ୍ୟା, ବଳାତ୍କାର ଏବଂ ଅତ୍ୟାଚାରର ଖବର ଛାଇ ହୋଇଯାଉଛି। ରାବଣର ଯେଉଁ ଦୁର୍ଗୁଣକୁ ଦେଖି ତା' ଦେହରେ ହାତ ମାରିବାକୁ ଆମେ ସାହସ କରୁଛେ, ସେ ଗୁଣ ତ ଊଣା ଅଧିକେ ଆମ ସମସ୍ତଙ୍କ ଭିତରେ ଅଛି । ଆମେ କିନ୍ତୁ ରାବଣକୁ ଆଜି ପର୍ଯ୍ୟନ୍ତ ବୁଝିନେ। ଆଜିର ମଣିଷ ରାବଣଠାରୁ ଆହୁରି ଭୟାନକ। ଆମେ ପ୍ରକୃତ ରହସ୍ୟ ନ ଜାଣି ତାକୁ 'ନାରୀ ଚୋର'ର ଆଖ୍ୟା ଦେଇ ତା' ପ୍ରତିକୃତିକୁ ପୋଡୁଛେ।

ରାବଣ ହେଉଛି ଜଣେ ନୈଷ୍ଠିକ ବ୍ରାହ୍ମଣ । ବ୍ରହ୍ମାଙ୍କର ସେ ହେଉଛି ଚତୁର୍ଥ ପୁରୁଷ। ପ୍ରଚଣ୍ଡ ଶିବଭକ୍ତ। ପ୍ରଖ୍ୟାତ ଶିବ ତାଣ୍ଡବ ସ୍ତୋତ୍ରର ସ୍ରଷ୍ଟା ସେ। ଦଶ ମହାବିଦ୍ୟାର ସଫଳ ସାଧକ। ସେଥିପାଇଁ ପୁରାଣରେ ରାବଣର ଦଶ ମୁଣ୍ଡ ଅଛି ବୋଲି ଚିତ୍ରିତ କରାଯାଏ। ରାବଣ ପରି ବ୍ରହ୍ମ ଜ୍ଞାନୀ ପ୍ରତି ଯୁଗରେ ବିରଳ। ଏପରି ଜଣେ ବ୍ରହ୍ମଜ୍ଞ ପୁରୁଷ କ'ଣ ସୀତାଙ୍କୁ ଅପହରଣ



କରିବା ପରି ଏକ ଘୃଣ୍ୟ କାର୍ଯ୍ୟ କରିପାରନ୍ତି? ଯେଉଁ ପ୍ରବକ୍ତା ବା ଜ୍ଞାନୀ ବୃନ୍ଦ ସୀତାଙ୍କୁ ରାବଣ ଅପହରଣ କରିଥିଲା ବୋଲି ସଭା ମଞ୍ଚରେ ଗଳା ଫଟାଇ କହୁଛନ୍ତି ସେମାନେ କେବେ ନିମ୍ନ ପରିସ୍ଥିତି ଉପରେ ଥରେ ଚିନ୍ତା କରିଛନ୍ତି?

ଜଗତ୍‌ଜନନୀ ମା' ପଞ୍ଚବଟୀରେ ଅବସ୍ଥାନ କରୁଥିବାର ଖବର ପାଇ ଦର୍ଶନ କରିବା ନିମନ୍ତେ ରାବଣ ସେଦିନ ଧାଇଁ ଯାଇଥିଲା ସେଠିକି । ଦୂରରୁ ମା'ଙ୍କ ଶାନ୍ତ ଆଉ କମନୀୟ ରୂପ ଦେଖି ନିଜ ଚକ୍ଷୁ ଦ୍ୱୟକୁ ପବିତ୍ର କରିବା ସହ ମନେ ମନେ ମା'ଙ୍କୁ ପ୍ରଣାମ କରିବା ସହିତ ସ୍ତୁତି ବି କରିଛି। ଏକଥାକୁ ଆମେ କହୁନାହୁଁ। ଖୋଲନ୍ତୁ ତୁଳସୀ ଦାସଙ୍କ 'ଶ୍ରୀରାମଚରିତ ମାନସ'ର ପୃଷ୍ଠାକୁ। ଗୋସ୍ୱାମୀ ଲେଖୁଛନ୍ତି– ସୁନତ ବଚନ ଦସସୀସ ରିସାନା । ମନ ମହୁଁ ଚରଣ ବନ୍ଦୀ ସୁଖ ମାନା । ମା' ସୀତାଙ୍କୁ ଦେଖି ରାବଣ ମନେ ମନେ ସୀତାଙ୍କ ଚରଣକୁ ବନ୍ଦନା କରି ଦିବ୍ୟ ସୁଖ ପାଇଛି। କୁତ୍ସିତ ଉଦ୍ଦେଶ୍ୟ ରଖି ଗୋଟିଏ ଯୁବକ ଯଦି କୋଉ ଝିଅକୁ ଅପହରଣ କରିବାକୁ ଯାଏ, ତେବେ ସେ କ'ଣ ପ୍ରଥମେ ସେ ଝିଅକୁ ପୂଜା କରେ? କିନ୍ତୁ ରାବଣ ଏଠି ମା'ଙ୍କୁ ସ୍ତୁତି କରିଛି।

ଯଦି ସ୍ତୁତି କଲ, ତେବେ ମା'ଙ୍କୁ କାହିଁକି ଲଙ୍କାକୁ ନେଇ ଆସିଲ? – ଏ ପ୍ରଶ୍ନରେ ଅତୀତର କଥା ଗୋଟି ଗୋଟି ହୋଇ ମନେ ପଡିଯାଇଛି ରାବଣର। ସେଦିନ ଆକାଶ ମାର୍ଗେ ଯାତ୍ରା କରୁଥାଏ ତ୍ରିଭୁବନ ବିଜୟୀ ରାବଣ। ତଳକୁ ଦୃଷ୍ଟି ନିକ୍ଷେପ କରିବାରୁ ଦେଖିଲେ ଖୁବ ମନ ଦୁଃଖରେ ବସିଥିବା ଜନକଙ୍କୁ। ରଥାବତରଣ କରି ଦୁଃଖର କାରଣକୁ ଜିଜ୍ଞାସା କଲେ ସେ। ଜନକ କହିଲେ– ମୋ ଝିଅ ସୀତା। ଏବେ ମୁଁ ତାହାର ଜାତକ ଦେଖୁଥିଲି। ଗଣନାରୁ ନିଷ୍କର୍ଷ ବାହାରୁଛି ଯେ ସୀତା ତାଙ୍କ ଜୀବନରେ କେବେ ମା' ହୋଇପାରିବେ ନାହିଁ। ବନ୍ଧ୍ୟାଦୋଷରେ ସେ ପୀଡ଼ିତା ହେବ। ଏ ଦୋଷରୁ ମୁକ୍ତ ହେବା ପାଇଁ କେବଳ ଅଶୋକ ବନରେ କିଛିଦିନ ରହିବା ଦରକାର। ଅଶ୍ରୁଳ ନୟନରେ ରାବଣର ଦୁଇ ହାତକୁ ଧରି ଜନକ କହିଲେ– ତୁମ ରାଜ୍ୟରେ ବିରାଟ ଅଶୋକ ବନ ଅଛି। କଡ଼ା ସୁରକ୍ଷା ବ୍ୟବସ୍ଥା କରି ସୀତାଙ୍କୁ କିଛିଦିନ ରହିବାର ବନ୍ଦୋବସ୍ତ କରିବ। ରାବଣ ସେଦିନ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ ଜନକଙ୍କୁ। ସମୟକ୍ରମେ ସୀତାଙ୍କ ବିବାହ ପରେ ଜନକଙ୍କ ଗଣନା ସତ୍ୟ ସାବ୍ୟସ୍ତ ହେଲା। ଦେଇଥିବା କଥାନୁସାରେ ରାବଣ ପଞ୍ଚବଟୀରୁ ମା' ସୀତାଙ୍କୁ ଆମନ୍ତ୍ରଣ କରି ନେଇଥିଲା ନିଜ ଅଶୋକ ବନକୁ। ନିଜ ଲାଳସା ପାଇଁ ରାବଣ ସୀତାଙ୍କୁ ଚୋରି କରିଥିଲା ବୋଲି ଯେଉଁ ବିବେକୀହୀନମାନେ କହୁଛନ୍ତି ସେମାନେ କେବେ ଗୋଟିଏ ପ୍ରଶ୍ନ ନିଜକୁ ନିଜେ ପଚାରିଛନ୍ତି– ଯଦି ରାବଣର ମନ୍ଦ ଉଦ୍ଦେଶ୍ୟ ଥିଲା ତେବେ ସୀତାଙ୍କୁ ନେଇ ସେ ନିଜ ରାଣୀ ହଂସପୁରରେ ନ ରଖି ଅଶୋକ ବନରେ ରଖିଥିଲା କାହିଁକି?

ଏ ସବୁକଥା ଠିକ୍ ଯେ ହେଲେ ଏଥିପାଇଁ ତ ଆପଣ ଶ୍ରୀରାମଙ୍କ ଦ୍ରୋହର ଶିକାର ହୋଇସାରିଲେଣି। ସେ ଆପଣଙ୍କୁ ଆଦୌ ଛାଡ଼ିବେ ନାହିଁ। ରାକ୍ଷସ କୁଳକୁ ସମୂଳେ ବିନାଶ କରିଦେବେ ଶ୍ରୀରାମ – ଏ ପ୍ରଶ୍ନର ଏକ ସୁନ୍ଦର ପ୍ରତିବେଦନ ରଖିଛି ରାବଣ – ଏଥିରେ ବି ମୋ ମହତ ଉଦ୍ଦେଶ୍ୟ ଅଛି। ସମସ୍ତେ ଜାଣନ୍ତି ଯେ ପୂର୍ବେ ମୁଁ ବୈକୁଣ୍ଠରେ ଦ୍ୱାରପାଳ ପଦବୀରେ ଥିଲି। ଅଭିଶାପ ପାଇ ରାକ୍ଷସ ହୋଇଛି। ପ୍ରଭୁ ବୈକୁଣ୍ଠାଧିପତି ନାରାୟଣ ସ୍ୱୟଂ ରାମ ରୂପରେ ଆସିଛନ୍ତି ମୋତେ ଉଦ୍ଧାର ପାଇଁ। ମୋତେ ତ ସେ ନିଶ୍ଚେ ଉଦ୍ଧାର କରିବେ। କିନ୍ତୁ ଏବେ ମୁଁ ହେଉଛି ଲଙ୍କାର ରାଜା। ରାଜାର କର୍ତ୍ତବ୍ୟ ହେଉଛି ପ୍ରଜାଙ୍କ ମଙ୍ଗଳକାମନା କରିବା। ମୁଁ ଯଦି ଏକୁଟିଆ ଉଦ୍ଧାର ପାଇଯିବି ତେବେ ମୋ ରାକ୍ଷସ ପ୍ରଜାମାନେ ମୋତେ ସ୍ୱାର୍ଥପର ବୋଲି କହିବେ ନା ନାହିଁ? ତେଣୁ ପ୍ରଭୁଙ୍କ ହସ୍ତରେ ସେମାନଙ୍କୁ ଆଗେ ଉଦ୍ଧାର କରି ସାରିବା ପରେ ଶେଷରେ ମୁଁ ମରିବି। ସୀତାଙ୍କୁ ଆଣିବାରେ ମୋର ତିନୋଟି ଲକ୍ଷ୍ୟ। ପ୍ରଥମ– ସେ ବନ୍ଧ୍ୟାଦୋଷରୁ ମୁକ୍ତ ହେବେ। ଦ୍ୱିତୀୟ– ପ୍ରଭୁଙ୍କ ସହ ଦ୍ରୋହ ଜାତ ହେଲେ ମୋତେ ଏବଂ ମୋ ପ୍ରଜାଙ୍କୁ ଯୁଦ୍ଧରେ ମାରି ଉଦ୍ଧାର କରିବେ। ତୃତୀୟ– ମା' ଏଠି ଅଛନ୍ତି ମାନେ ବାପା ଖୋଜି ଖୋଜି ନିଶ୍ଚେ ଏଠିକି ଆସିବେ। ସମଗ୍ର ଲଙ୍କାବାସୀ ଦେଖିବେ ରାମସୀତାଙ୍କ ଯୁଗଳ ମୂର୍ତ୍ତି। କିଛି ସମୟ ପାଇଁ ମୋ ରାକ୍ଷସପୁରୀ ଲଙ୍କା ବୈକୁଣ୍ଠରେ ପରିଣତ ହୋଇଯିବ।

ରାମଙ୍କ ସହ ଶେଷ ଯୁଦ୍ଧ ଲଢ଼ିବାର ପୂର୍ବ ରାତିରେ ନିଜ ସ୍ୱାମୀଙ୍କ କାର୍ଯ୍ୟରେ ସତ ଉଦ୍ଦେଶ୍ୟ ନିହିତ ଅଛି ବୋଲି ଜାଣି ସେଦିନ ସତୀ ମନ୍ଦୋଦରୀ ସିନା ଚୁପ ହୋଇଯାଇଥିଲେ କିନ୍ତୁ ଆମେ ମୂଢ଼ ଅଧମମାନେ ଆଜି ଯାଏ ବି ଚୁପ ହୋଇ ବସି ପାରୁନୁ। ପ୍ରତିବର୍ଷ ଦୁର୍ଗାପୂଜା ଅବସରରେ ରାବଣକୁ ପୋଡୁଛୁ। ଆମେ ମନେ ମନେ ଭାବୁଛୁ ଆମେ ରାବଣଠାରୁ ଖୁବ ବଡ଼। କିନ୍ତୁ ମନେ ରଖିବା ଦରକାର ଯେ, ରାବଣର କୌଣସି ଭଲ ଗୁଣ ବି ଆମ ପାଖରେ ନାହିଁ। ଦଂଶନ କରିବା ସର୍ପର ସ୍ୱଭାବ। କାରଣ ସେ ସର୍ପ ଯୋନିରେ ଜନ୍ମ ନେଇଛି। ଠିକ ସେମିତି ରାକ୍ଷସୀ ଗର୍ଭରୁ ରାବଣର ଜନ୍ମ। ତା' ନିକଟରେ ରାକ୍ଷସୀ ପ୍ରବୃତ୍ତି ଦେଖାଦେବାଟା ଆଦୌ କିଛି ବିଚିତ୍ର ନୁହେଁ। ରାକ୍ଷସ ହୋଇ ବି ଶିବ ଭକ୍ତ ହେବା, ବେଦଜ୍ଞ ହେବା, ସାଧନା କରି ଗୋଟିଏ ନୁହେଁ କି ଦୁଇଟି ନୁହେଁ, ସବୁ ଦେବତାଙ୍କୁ ନିଜ ବଶରେ ରଖିବାର ସାମର୍ଥ ଅର୍ଜନ କରିବା ଆଦି ସୁଗୁଣ ଭିତରୁ କେତେଟା ଗୁଣ ଆମମାନଙ୍କ ଭିତରେ ଅଛି କହିଲେ? ଯଦି ବି ରାବଣର ମନ୍ଦ ଗୁଣକୁ ବିବେଚନା କରାଯାଏ, ତେବେ ସେ ଦୃଷ୍ଟିରୁ ଆମେ ସମସ୍ତେ ବି ଜଣେ ଜଣେ ଜିଅନ୍ତା ରାବଣ। ଜିଅନ୍ତା ରାବଣଟିଏ ମୃତ ରାବଣ ଦେହରେ ନିଆଁ ଲଗାଇ ଆହ୍ଲାଦିତ ହେ– ଏହା ତ ଖୁବ ଲଜ୍ଜାକର ବିଷୟ।

ବନ୍ଦ ହେଉ ଏ ରାବଣ ପୋଡିର ପରମ୍ପରା। ଆମେ ସେଇ ଦିନ ରାବଣ ପୋଡି କରିବାକୁ ଯୋଗ୍ୟତା ହାସଲ କରିବା ; ଯେଉଁଦିନ ଆମର ପ୍ରତିଟି କାର୍ଯ୍ୟ ମୂଳରେ ପର ହିତ ଭାବନା ଯୁକ୍ତ ହୋଇ ରହିବା ସହିତ ଆମେ ନିଜେ ଜଣେ ଜଣେ ରାମ ହୋଇଯିବା। କାରଣ ରାବଣ ଦେହରେ ନିଆଁ ଲଗାଇବାର ଅଧିକାର କେବଳ ରାମଙ୍କର ଥିଲା। ତୁମେ ରାମ ହେଲଣି କି? ଉତ୍ତର ଯଦି ହଁ, ତେବେ ରାବଣ ଦେହରେ ନିଆଁ ଲଗାଇପାର। ମୁଁ କିନ୍ତୁ ଏ ପର୍ଯ୍ୟନ୍ତ ରାମ ହୋଇନି। ହେବାକୁ ସାଧନା କରୁଛି। ତେଣୁ ମୁଁ କାହିଁକି ସେଦିନ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରି ଉଦ୍‌ଘାଟନ କରିଥାନ୍ତି?

–ପ୍ରିନ୍ସିପାଲ, ଆପେକ୍ସ ଆଇ.ଟି.ଆଇ, ପତ୍ରକଣା କସର୍ଦା, କଟକ,
ମୋ :୯୪୩୭୨୯୨୬୯୯

## ପୁସ୍ତକ ସମୀକ୍ଷା

### ନଈର ନକ୍ସା

ବିପିନ ନାୟକ

**ସର୍ଜନା, ପାଣିଗ୍ରାହୀ ସାହି, ଗୋଷାଇଁନୂଆଗାଁ**

**ବ୍ରହ୍ମପୁର–୩, ମୂଲ୍ୟ–୧୦୦ଟଙ୍କା**

ଏଥିରେ ୪୩ଟି କବିତା ରହିଛି। ନଈ ଗୋଟେ ଅବସୋସ । ଏକ ପ୍ରବାହ, ମୃତ୍ୟୁ, ଜୀବନ, ଶୋଷ, ଶୈଶବ, ଜନ୍ମ ଏବଂ ଯନ୍ତ୍ରଣାକୁ ସାଙ୍ଗରେ ନେଇ ବହିଯାଏ ଏ ଅନୁଭବର ନଈଟି। ଶବ୍ଦର ମିତବ୍ୟୟିତା ଏବଂ ଅନ୍ତରଙ୍ଗ ଅନୁଭବଗୁଡ଼ିକୁ କଳ୍ପନାରେ ରୂପ ଦେଇ ପାରୁଥିବା ସାମର୍ଥ୍ୟ ତାଙ୍କର ଏକ ବିଲକ୍ଷଣ ବିଭବ। ସ୍ୱର୍ଣ୍ଣାତୁର ଶବ୍ଦ, ଅବେଗମୟ ଅଭିବ୍ୟକ୍ତି, ସରଳତା




ଏବଂ ସାଙ୍ଗିତିକତାରେ ପ୍ରାଣ ପ୍ରାଚୁର୍ଯ୍ୟ ଭରିଦେବା ତାଙ୍କ କବିତା ଶୈଳୀର ଆଉ ଏକ ବିଶେଷତ୍ୱ । ସେ ଉତ୍ତରଣ ହେଉ, ଖାରା କିମ୍ବା ଅନ୍ୟମନସ୍କ। ଯାହାକୁ ପଢିବେ ନୂଆ ଆଉ ପାଠକଙ୍କୁ ନିଆରା ଅନୁଭବ ଦେବ । ପୁସ୍ତକରେ ପ୍ରକାଶିତ କବିତାଗୁଡିକ ପାଠକୀୟତା ଲାଭ କରିବ ବୋଲି ବିଶ୍ୱାସ।

### ହିମାଳୟର ବୈଦିକ ସନ୍ଥବାଣୀ

**ଡକ୍ଟର ନୃସିଂହାନନ୍ଦ ମହାପାତ୍ର, ପ୍ରକାଶିକା–କମଳା ମହାପାତ୍ର**

**ମାଷ୍ଟରପଡା, ଫୁଲବାଣୀ, କନ୍ଧମାଳ, ମୂଲ୍ୟ–୩୫୦ଟଙ୍କା**

ପୁରାଣ ଯୁଗରେ ଆର୍ଯ୍ୟ ମୁନି ଋଷିମାନଙ୍କର ବହୁ ସାଧନାର ଫଳ ଓ ସେମାନଙ୍କ ମୁଖ ନିଃସୃତ ବାଣୀରୁ ସୃଷ୍ଟି ହୋଇଥିଲା ବେଦ, ଉପନିଷଦ, ବେଦାନ୍ତଦର୍ଶନ, ନ୍ୟାୟ, ସଂଖ୍ୟାଦି ଦର୍ଶନ ଓ ଷଡଦର୍ଶନ, ଗୀତା, ଭାଗବତ ଆଦି ଧର୍ମଗ୍ରନ୍ଥ। ମାନବ ସମାଜକୁ ମୁକ୍ତି ପଥର ଆଲୋକ ଦେଖାଇବା ପାଇଁ ଭାରତର



ବୈଦିକ ସନାତନ ସାଧୁସନ୍ଥମାନଙ୍କ ଜୀବନୀ ପୁସ୍ତକ ରଚନା କରି ଲେଖକ ନୂତନ ପ୍ରୟାସ କରିଛନ୍ତି । ପୁସ୍ତକରେ କବିର, କାନଜୀସ୍ୱାମୀ, ପରମହଂସ ସ୍ୱାମୀ ଅଡଗଡାନନ୍ଦ, ସ୍ୱାମୀ ନିରଞ୍ଜନ, ପରମହଂସ ଯୋଗାନନ୍ଦ, ସନ୍ଥ କବିର ଦାସ ଆଦି ଅନେକ ମନିଷୀଙ୍କ ବାଣୀ ପ୍ରାଞ୍ଜଳ ଭାବେ ବୁଝାଯାଇଛି । ଆଶା ପୁସ୍ତକଟି ନିଶ୍ଚୟ ସାଧୁ ସନ୍ଥ ଓ ସାଧାରଣ ପାଠକଙ୍କୁ ମାର୍ଗଦର୍ଶନ ଦେବ।


### ଅବାଧ ପାଦ ଦୁଇ

ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ

**ପ୍ରକାଶକ– ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ**

**ବ୍ରହ୍ମପୁର–୧୦, ମୂଲ୍ୟ–୧୫୦ଟଙ୍କା**

ପୁସ୍ତକରେ ୪୦ଟି କବିତା ସ୍ଥାନ ପାଇଛି। ଭାବ ଓ ଭାବନାର ଜୀବନ୍ତ ରୂପ ପାଇଁ ସରଳ ଓ ଶାବଳୀଳ ଶବ୍ଦ ବିନ୍ୟାସ କବିତାଗୁଡିକୁ ଜୀବନ୍ତ କରିଛି। ଭିନ୍ନ ରଙ୍ଗ ଓ ବାସ୍ନାରେ କବିତାଗୁଡିକ ରଙ୍ଗାୟିତ । କେତେବେଳେ ମୋହନ ବଂଶୀଧାରୀ ଷୋଳ କଳାଛଳିଆ ରସିକ ମାୟାରେ ଶରୀର ମୂର୍ଚ୍ଛିତ



ହୋଇଛି ତ, ପୁଣି ଐଶ୍ୱରୀୟ ଆନନ୍ଦରେ ନିଜ ଅସ୍ତିତ୍ୱକୁ ହଜାଇ ମହାସଂଗୀତ ଶୁଣିବାକୁ ସଂକଳ୍ପ କରିଛନ୍ତି। ଭିନ୍ନ ଏକ ସମ୍ମୋହନ ନୀଳ ବଇଁଶୀର ମୁଗ୍ଧ ଆକର୍ଷଣ ଜଳସ୍ଥଳ, ଭାବ –ଅଭାବର ଅପୂର୍ବ ମିଳନ ହୋଇ ପାରିଛି ପବିତ୍ର ହୃଦୟରେ ଏବଂ ବନ୍ଦନାର ଓଁକାର ଧ୍ୱନିରେ । କବିତାଗ୍ରନ୍ଥଟି ବିଶ୍ୱ ପ୍ରେମକୁ ଆଧାର କରି ଅତ୍ୟନ୍ତ ସୁଖପାଠ୍ୟ ହୋଇ ପାରିଛି।

# ନାକରେ ମାରନ୍ତି ହ୍ୱିସିଲ

ସିଟି ବା ହ୍ୱିସିଲ ମାରିବାକୁ କେହି କେହି ଖରାପ ବୋଲି କୁହନ୍ତି। ହେଲେ ଏହା ବି ଏକ କଳା। ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ନୁହେଁ। କିଛି ବ୍ୟକ୍ତି ହ୍ୱିସିଲରେ ଏତେ ସୁନ୍ଦର ଗୀତ ବଜାଇପାରନ୍ତି ଯେ ଶୁଣିବା ଲୋକ ଚକିତ ହୋଇଯାଆନ୍ତି। ପାଟିର ଏହି କଳା ସବୁଆଡେ ବେଶ୍ ଜଣାଶୁଣା। ତେବେ ଜାଣନ୍ତି କି ହ୍ୱିସିଲ କେବଳ ପାଟିରେ ବଜାଯାଏ ନାହିଁ, ଜଣେ ମହିଳା ନାକରେ ବି





ହ୍ୱିସିଲ ମାରିପାରନ୍ତି। କାନାଡାର ଅଣ୍ଟେରିଓରେ ରହୁଥିବା ଲୁଲୁ ଲୋଟସ୍ ହେଉଛନ୍ତି ସେହି ମହିଳା। ଲୁଲୁ ନାକରେ ହ୍ୱିସିଲ ବଜାଇ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ନାକରେ ସେ ୪୪.୧ ଡେସିବଲ ପିଚ୍ ପର୍ଯ୍ୟନ୍ତ ସିଟି ମାରିପାରନ୍ତି। ଫଳରେ ସେ ନାକରେ ସବୁଠାରୁ ଜୋର୍ ଶବ୍ଦରେ ହ୍ୱିସିଲ ମାରିବାର ରେକର୍ଡ କରିଛନ୍ତି। ଲୁଲୁ ୭ ବର୍ଷ ବୟସରେ ହୋଇଥିବାବେଳେ ନିଜ ଭିତରର ଏହି କଳାକୁ ଚିହ୍ନିପାରିଥିଲେ। ସେ କୁହନ୍ତି– ଛୋଟବେଳେ ସ୍କୁଲରେ ପାଠପଢା ହେଉଥିବାବେଳେ ମୁଁ ନାକରେ ଏଭଳି ଶବ୍ଦ ବାହାର କରିପାରୁଥିଲି ଯେ, ଶିକ୍ଷୟିତ୍ରୀ ଶିକ୍ଷକ ଭାବୁଥିଲେ ବାହାରେ ଚଢେଇ ରାବୁଛନ୍ତି। ମୁଁ ଗଳାର ମାଂସପେଶୀକୁ ବ୍ୟବହାର କରି ନାକରୁ ବାହାରୁଥିବା ବାୟୁର ପ୍ୟାଟର୍ନକୁ ନିୟନ୍ତ୍ରଣ କରିପାରେ। ଯଦି ମୁଁ ପାଟି ଖୋଲା ରଖେ ଶବ୍ଦ ପାଟିରୁ ବାହାରେ। ପାଟି ବନ୍ଦ ରଖିଲେ ଶବ୍ଦ ନାକରୁ ବାହାରେ।' ୨ ଜୁନ ୨୦୨୨ରେ ସେ ନାକରେ ହ୍ୱିସିଲ ମାରି ରେକର୍ଡ କରିଥିଲେ। ସେତେବେଳେ ତାଙ୍କ ନାକରୁ ବାହାରୁଥିବା ଶବ୍ଦକୁ ମହଙ୍ଗା ଯନ୍ତ୍ରରେ ରେକର୍ଡ କରାଯାଇଥିଲା। ଆଉ ତାକୁ ମପାଯାଇଥିଲା। ଏହାପୂର୍ବରୁ ସେ ଜାଣି ନ ଥିଲେ ଯେ, ନାକରୁ ବାହାରୁଥିବା ସିଟିକୁ ମପାଯାଏ ବୋଲି। ଯେବେ ଲୁଲୁ ଜାଣିଲେ ସବୁଠାରୁ ଜୋର୍‌ରେ ନାକରେ ସିଟି ବଜାଇ ସେ ୱାର୍ଲଡ ରେକର୍ଡ କରିଛନ୍ତି ସେ ବିଶ୍ୱାସ କରିପାରି ନ ଥିଲେ।





ବ୍ୟାକ୍ ପେଜ୍

# ୧୦୦ ବର୍ଷୀୟା ଡ୍ୟାନ୍ସର

'ଏମିତି କିଛି ନାହିଁ ଯାହା ମଣିଷ ପକ୍ଷେ କରିବା ଅସମ୍ଭବ', ଏହାକୁ ଜୀବନର ମନ୍ତ୍ର ଭାବେ ଆପଣେଇ ସେ କରିଚାଲିଛନ୍ତି ଯେତେସବୁ ଅସମ୍ଭବ କାମ। ୧୦୦ ବର୍ଷ ବୟସରେ ପାଦରେ ୩–୪ ଇଞ୍ଚର ହାଇ ହିଲ ପିନ୍ଧି ସେ ନାଚି ପାରନ୍ତି ବେଶ୍ ଆରାମରେ। ସେପୁଣି ଏମିତି ସେମିତି ନାଚ ନୁହେଁ ବଲ୍‌ରୁମ୍ ଡ୍ୟାନ୍ସ। ସେଇଥିପାଇଁ ତ ସେ ପୃଥିବୀର ସବୁଠାରୁ ବୟସ୍କା ବଲ୍‌ରୁମ୍ ଡ୍ୟାନ୍ସର ଭାବେ ୱାର୍ଲଡ ରେକର୍ଡ କରିଛନ୍ତି। ୮୭ ବର୍ଷ ବୟସରେ ସେ ଏହି ଡ୍ୟାନ୍ସ କରିବା ଆରମ୍ଭ କରି ଖୁବ୍ ଶୀଘ୍ର ଦକ୍ଷ ହୋଇଯାଇଥିଲେ ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ୭୫୦ଟି ନୃତ୍ୟ ପ୍ରତିଯୋଗିତାରେ ତ ସେ ପ୍ରଥମ ହୋଇଛନ୍ତି। ୯୬ ବର୍ଷ ବୟସରେ ସେ ୨୭ ବର୍ଷୀୟ ଡ୍ୟାନ୍ସ ପାର୍ଟନର ଭାର୍ଡ ମାର୍ଗର୍ୟାନଙ୍କ ସହ ଆମେରିକାସ୍ ଗଟ୍ ଟ୍ୟାଲେଣ୍ଟ ଶୋ'ରେ ଅଂଶଗ୍ରହଣ କରିଥିଲେ। ଆଉ ଜଜ୍‌ମାନେ ଠିଆ ହୋଇ ତାଙ୍କ ଟ୍ୟାଲେଣ୍ଟକୁ ସମ୍ମାନ ଜଣାଇଥିଲେ। ୧୦୦ ବର୍ଷ ବୟସରେ ସେ ଆଥଲେଟା ନାମକ ଫିଟନେସ୍ କ୍ଲଥ କମ୍ପାନୀର ବ୍ରାଣ୍ଡ ଆମ୍ବାସଡର ବି ହୋଇଥିଲେ। ଏହାବାଦ ସେ ଜଣେ ଆନ୍ତର୍ଜାତୀୟ ସ୍ତରର ଯୋଗ ଇନ୍‌ଷ୍ଟ୍ରକଟର୍ ମଧ୍ୟ। ୮ ବର୍ଷ ବୟସରୁ ସେ ଯୋଗ ଶିଖିବା ଆରମ୍ଭ କରିଥିଲେ। ଯୋଗଶିକ୍ଷା ପ୍ରତି ତାଙ୍କର ଅବଦାନ ଲାଗି ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ବି କରାଯାଇଛି। ତାଙ୍କ ବାପା ଜର୍ମାନୀର ହୋଇଥିବାବେଳେ ମା' ଭାରତୀୟ। ତେବେ ତାଓ ଜନ୍ମ ବେହା ପରେ ପରେ ତାଙ୍କ ମା' ମୃତ୍ୟୁବରଣ କରିଥିଲେ। ତାଙ୍କ ଜନ୍ମ ପଣ୍ଡିଚେରୀରେ ହୋଇଥିଲା। ଯୁବାବସ୍ଥାରେ ସେ ମଡେଲ ଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ଲଣ୍ଡନ ଚାଲିଯାଇଥିଲେ। ସେଠାରେ ସେ କ୍ୟାବରେ ଡ୍ୟାନ୍ସର ହୋଇଥିଲେ। ପରେ ସେ ଆମେରିକା ଚାଲିଯାଇଥିଲେ। ଆଉ ହଲିଉଡ୍ ଫିଲ୍ମରେ ଅଭିନୟ ବି କରିଥିଲେ। ତେବେ ୧୦୧ ବର୍ଷ ବୟସରେ ସେ ମୃତ୍ୟୁବରଣ କରିଥିଲେ।







# ରୋବୋ ସୁଟ୍‌କେଶ୍

ଯାତ୍ରା କରିବାବେଳେ ଭାରି ସୁଟକେଶ୍ ବୋଝ ପରି ଲାଗେ। ତେବେ ଏହି କଷ୍ଟକୁ ଦୂର କରିବା ଲାଗି ଏକ କମ୍ପାନୀ ତିଆରି କରିଛି ଏମିତି ସୁଟକେଶ୍ ଯାହା ଆଦୌ ବୋଝ ଲାଗିବ ନାହିଁ। ଆଉ ଯାତ୍ରାର କଷ୍ଟକୁ ସମ୍ପୂର୍ଣ୍ଣ ଦୂର କରିଦେବ। କାରଣ ଏହାକୁ ହାତରେ ଧରି ବୋହି ବୋହି ନେବାକୁ ପଡିବ ନାହିଁ। ବରଂ ସୁଟ୍‌କେଶ୍‌ଟି ଆପଣଙ୍କ ପଛେ ପଛେ ପୋଷା କୁକୁର ପରି ନିଜେ ଗଡି ଗଡି ଆସିବ। ଏହି ରୋବୋଟିକ ସୁଟ୍‌କେଶ୍‌ର ନାଁ ଦିଆଯାଇଛି 'ପପି ୱାନ୍'। ଆମେରିକାର ଲସଭେଗାସ୍‌ରେ ହୋଇଥିବା 'କନଜ୍ୟୁମର୍ ଆଣ୍ଡ ଟେକ୍ନୋଲୋଜି ଏକ୍ସପୋ ସିଇଏସ୍ ୨୦୧୮'ରେ ଏହି ନିଆରା ସୁଟ୍‌କେଶ୍‌କୁ ପ୍ରଦର୍ଶିତ କରାଯାଇଥିଲା। ଏହାକୁ ଆୟତ୍ତରେ ରଖିବା ଲାଗି କିନ୍ତୁ ମାଲିକଙ୍କୁ ହାତରେ ରିମୋଟ କଣ୍ଟ୍ରୋଲ ପରି ଏକ ରିଷ୍ଟ ବ୍ୟାଣ୍ଡ ପିନ୍ଧିବାକୁ ହେବ। ଏହାପରେ ସୁଟ୍‌କେଶ୍‌ଟି ମାଲିକ ହାତରେ ବନ୍ଧା ରିଷ୍ଟବ୍ୟାଣ୍ଡର ୟୁନିକ ଆଇଡିକୁ ଟ୍ରେସ୍ କରି ପଛେ ପଛେ ଯିବ। ସୁଟ୍‌କେଶ୍‌ରେ ଏକ ଛୋଟ ମୋଟର ଓ ଚକ ଲାଗିଥାଏ। ଫଳରେ ଏହା ରାସ୍ତାରେ ଗଡି ଗଡି ଯାଏ। ଏଥିରେ ଭଲ ବ୍ରେକିଂ ସିଷ୍ଟମ୍ ବି ରହିଛି। ମାଲିକଙ୍କ ପାଖରେ ପହଞ୍ଚିଲେ ତାହା ନିଜେ ବ୍ରେକ୍ ଦେଇ ରହିଯିବ। ଏଥିରେ ଏକ ସେଲ୍ଫ ବାଲାନ୍ସିଂ ପଦ୍ଧତି ରହିଛି। ଯଦ୍ୱାରା ଏହା ଖାଲିଢିପ ରାସ୍ତାରେ ବି ନ ପଡି ଯାଇପାରେ। ଆଉ ମାଲିକଙ୍କ ଗତି ସହ ତାଳ ଦେଇ ପିଛା କରିପାରେ। ଏହାକୁ ତିଆରି କରିଥିବା କମ୍ପାନୀ ଅନୁସାରେ ସେ କେବଳ ଏହାର ପ୍ରୋଟୋଟାଇପ୍ ମଡେଲ୍ ଲଞ୍ଚ କରିଛନ୍ତି। ଏହାକୁ ବାସ୍ତବରେ ବ୍ୟବହାର ଉପଯୋଗୀ କରିବା ପାଇଁ ସମୟ ଲାଗିବ। କାରଣ ଗହଳି ସ୍ଥାନ ଓ ବ୍ୟକ୍ତି ଦ୍ରୁତ ବେଗରେ ଯାଉଥିବାବେଳେ ହଠାତ୍ ଗତି ବଦଳାଇଦେଲେ ତାହା ଭ୍ରମରେ ପଡି ଯାଉଛି। ତେଣୁ ତାକୁ ସମ୍ପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ କରିବା ଓ ବଜାରରେ ଉପଲବ୍ଧ କରିବା ପାଇଁ ଗବେଷଣା ଚାଲିଛି।